## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଭବାନୀପାଟଣା,୨୯।୧(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଭାଟେଲ ଗ୍ରାମରେ ୨୦୨୪ରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ଓ ଦୌରାଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଦଶରୁ ମାଝୀ (୬୭)ଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୨୦୨୪ ମାର୍ଚ୍ଚ ୧୦ ତାରିଖରେ ଭାଟେଲ ଗ୍ରାମର ରାମକୃଷ୍ଣ ରଣା ଚାଷ ଜମିକୁ ଯାଇଥିବାବେଳେ ଉକ୍ତ ଗ୍ରାମର ଦଶରୁ ମାଝୀ ପୂର୍ବ ବିବାଦକୁ ନେଇ ରାମକୃଷ୍ଣଙ୍କୁ ବାଡ଼ିରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ମୃତ ରାମକୃଷ୍ଣଙ୍କ ପୁଅ ବିମଲ ରଣା ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ନର୍ଲା ପୋଲିସ ଏକ ମାମଲା (ନଂ.୫୧/୨୦୨୪) ରୁଜୁ କରି ଅଭିଯୁକ୍ତ ଦଶରୁ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଆଇନଜୀବୀ (କ୍ୟାଡ଼ର ପିପି) ମନୋଜ କୁମାର ମେହେର ପରିଚାଳନା କରୁଥିଲେ।

### ବାବା ଖଣ୍ଡୁଆଳଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଥୁଆମୂଳ ରାମପୁର, ୨୯।୧ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ତଳ ଆମ୍ବପଦର ପଞ୍ଚାୟତ ଚୁଲବାଡି ଗ୍ରାମରେ ବାବା ଖଣ୍ଡୁଆଳଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ସମ୍ପନ୍ନ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସ ଯୁବକ ସଂଘ ଓ ଗ୍ରାମ କମିଟିର ମିଳିତ ଆନୁକୂଲ୍ୟରେ ଉତ୍ସବ ଆୟୋଜିତ ହୋଇଥିଲା। ବାବାଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସାଂସଦ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ବ୍ଲକ ଚେୟାରମ୍ୟାନ ତଥା ସ୍ଥାନୀୟ ସମିତି ସଭ୍ୟ ଦୟାନିଧି ମାଝୀ, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଭାଜପା ଲାଞ୍ଜିଗଡ ପ୍ରଭାରୀ ବିଷ୍ଣୁ ନାଏକ, ବିଜେଡି ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ନାଏକ, ବିଜେଡି ବ୍ଲକ ଯୁବ ସଭାପତି ପ୍ରଦୀପ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଦସ୍ୟ ବିରେନ୍ଦ୍ର ବାଗ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଞ୍ଚଳର ୨୮ଟି ନୃତ୍ୟ ଦଳ ଭାଗ ନେଇଥିଲେ। ଅନିଲ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବୀରେନ୍ଦ୍ର ବାଗ, ତ୍ରିଲୋଚନ ନାଏକ, ମନୋଜ କୁମାର ମହାନନ୍ଦ ବିଚାରକ ଦାୟିତ୍ୱ ତୁଲାଇଥିଲେ।

# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀ ପୁରସ୍କୃତ**

ଭବାନୀପାଟଣା,୨୯।୧(ଉତ୍ତମ କୁମାର ଦାଶ)



ଜଣେ ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଜନ ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହରେକୃଷ୍ଣ ଶତପଥି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ କୁମାର ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବୀ ପ୍ରସାଦ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା କାର୍ଯ୍ୟକ୍ରମ ପରିଚାଳକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦିଲୀପ କୁମାର ଦୁବେ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିବା ସହ ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା ସହିତ ଗାଁର ଉନ୍ନତି ଓ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ ଓ ଆଶା ଦିଦିଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ସହିତ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ, ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ସହିତ ଆଞ୍ଚଳିକ ସ୍ତରରେ ପରିଦୃଷ୍ଟ ରୋଗ ସମୂହର ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ଏହିସବୁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ଯେଉଁମାନଙ୍କର ଅଗ୍ରଣୀ ଭୂମିକା ରହିଥାଏ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ଉତ୍ସାହିତ କରିବା ପାଇଁ କିଛି ମାପକ ମାନଦଣ୍ଡରେ ଯୋଗ୍ୟ ବିବେଚିତଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମ୍ମିଳନୀରେ ଶ୍ରେଷ୍ଠ ବିବେଚିତ ଆଶା (ଗ୍ରାମାଞ୍ଚଳର ୧୩ ଓ ସହରାଞ୍ଚଳର ଜଣେ)ଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୩ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଶ୍ରେଷ୍ଠ ଆରୋଗ୍ୟ ସମିତି ପୁରସ୍କାର, ୧୩ ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ଓ ସହରାଞ୍ଚଳ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ତରରୁ ୨୮ ମହିଳା ଆରୋଗ୍ୟ ସମିତିକୁ ପୁରସ୍କାର ସହିତ ସାର୍ଟିଫିକେଟ ଏବଂ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି କର୍ମକର୍ତ୍ତା, ଆଶା କର୍ମୀ ଓ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ମଣ୍ଡିରେ ପଡ଼ିଥିବା ଧାନ ଶୀଘ୍ର ଉଠାଅ

ଭବାନୀପାଟଣା,୨୯।୧(ଉତ୍ତମ କୁମାର ଦାଶ)

**ସିପିଆଇ ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ**

କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡିରେ ପଡିଥିବା ଧାନକୁ ଶୀଘ୍ର ଉଠାଣ ଦାବିରେ ଗୁରୁବାର ଭବାନୀପାଟଣାରେ ଜିଲାପାଳଙ୍କ ଅଫିସ ଘେରାଉ କରିଛି ସିପିଆଇ। ଏହା ପୂର୍ବରୁ ସ୍ଥାନୀୟ ଟାଉନ ହଲଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ମଣ୍ଡିରେ ପଡିରହିଥିବା ଧାନ ଶୀଘ୍ର ଉଠାଣ, କଟନି ଛଟନି ବନ୍ଦ, ପେଶା ଆଇନ ଓ ୨୦୦୬ ଜଙ୍ଗଲ ଅଧିକାର ଆଇନ ଲାଗୁ କରିବା, ଟାଟା ପାୱାର ଦ୍ୱାରା ବାଧ୍ୟତାମୂଳକ ସ୍ମାର୍ଟ ମିଟର ବସାଇବା ନାରେ ଶୋଷଣ ବନ୍ଦ କରିବା, ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ ଆଦି ଦାବି ନେଇ କର୍ମକର୍ତ୍ତା ସରକାରଙ୍କ ଉପରେ ବର୍ଷିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସମ୍ପାଦକ ଜଗଦୀଶ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସାଥୀ ଦାମୋଦର ବେହେରା, ଜିଲା ସହ ସମ୍ପାଦକ ସଞ୍ଜୟ ସୁନାନି, ଅଖିଳ ଭାରତ ଛାତ୍ର ସଂଘ ଜିଲା ସଭାପତି ରାଜାରାମ ଡଙ୍ଗରି, ଜୁନାଗଡ ଜୋନ ସମ୍ପାଦକ ବାନାମ୍ବର ମେହେର, ପୂର୍ବତନ ଜିଲା ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ବିନିତା ମାଝୀ, ଯଶୋବନ୍ତ ବେମାଲ, ଅଖିଳ ଭାରତ ଯୁବସଂଘ ଜିଲା ଆବାହକ ହିମାଂଶୁ ନାୟକ, ବୈଦେହି ବିହାରୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।



ଶୋଭାଯାତ୍ରାରେ ସିପିଆଇ କର୍ମକର୍ତ୍ତା।

# ମା' ହୀରାନୀଲାଙ୍କ ଝାମୁଯାତ୍ରା ସମ୍ପନ୍ନ


ନିଆଁ ଗାଡରେ ଚାଲୁଛନ୍ତି ଦେବୀଙ୍କ କାଳିଶି।

ଲାଞ୍ଜିଗଡ଼,୨୯।୧(ରମେଶ ଚନ୍ଦ୍ର ନାୟକ)

**କାଳିଶି ନିଆଁରେ ଚାଲିଲେ, କଣ୍ଟାରେ ବସି ଦର୍ଶନ ଦେଲେ**

ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ବକଟପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ହୀରାନୀଲାଙ୍କ ଝାମୁଯାତ୍ରା ବୁଧବାର ମାଘମାସ ଶୁକ୍ଳପକ୍ଷ ନବମୀ ତିଥିରେ ସମ୍ପନ୍ନ ହୋଇଛି। ଦଶମୀ ଦିନ ମା'ଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଗାଁର ଶ୍ରୀନିବାସ ନାଏକଙ୍କ ଦେହରେ ଦେବୀ ଆବିର୍ଭାବ ହୋଇଥିଲେ। ପ୍ରଥମେ ଗାଁ ଗୌନ୍ତିଆ ବିକ୍ରମାଦିତ୍ୟ ବାରିକଙ୍କ ଘରକୁ ଯାଇ ପାଦପୂଜା ପରେ ସେଠାରୁ ଝାମୁଯାତ୍ରା ପଡ଼ିଆକୁ ଫେରି ଆସିଥିଲେ। ଫେରିବା ପରେ ପ୍ରଥମେ ନିଆଁ ଗାଡ଼ରେ ଦେବୀଙ୍କ କାଳିଶି ଚାଲିବା ସହ ଝାମେରା କଣ୍ଟାରେ ତିଆରି ଦୋଳିରେ ବସି ଭକ୍ତଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତମାନେ ପୋଡ଼, ଛେଳି, କୁକୁଡ଼ା, ପାରା ବଳି ଦିଆଯାଇଥିଲା। ମା'ଙ୍କ ମୁଖ୍ୟ ବାହୁକ ଦେବାନନ୍ଦ ସାହୁ, ସରଦ ଗଣ୍ଡା, ନକୁଳ ବେହେରା, ପ୍ରଦୀପ ବେହେରା, ଶକ୍ତି ସାଗର ବାରିକଙ୍କ ସମେତ ଗ୍ରାମବାସୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଗାଁ ଗୌନ୍ତିଆ ବିକ୍ରମାଦିତ୍ୟ ବାରିକ ପାରମ୍ପରିକ ସେବକ ଭାବେ ଦେବୀଙ୍କ ସହ ଗ୍ରାମ ପରିକ୍ରମା କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଏସିଏଫ୍ ତଥା ବିଶ୍ୱନାଥପୁର ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀ, ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ ପ୍ରମୁଖ ଯୋଗଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ମା' ହୀରାନୀଲା କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଉପସଭାପତି କର୍ଣ୍ଣ ମାଝୀ, କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ବାଣୁଆ, ପବିତ୍ର ବିଭାର, ସାଧାରଣ ସମ୍ପାଦକ ବିକ୍ରମାଦିତ୍ୟ ବାରିକ, ସହ ସମ୍ପାଦକ ସଂକୀର୍ତ୍ତନ ବେହେରା, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ମା' ମାଣିକେଶ୍ୱରୀ, ବାବା ଅଗ୍ନିଭୈରବଙ୍କ ଝାମୁଯାତ୍ରା

**ଥୁଆମୂଳ ରାମପୁର,୨୯।୧ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ଗୁଣୁପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋକୋଲମା ବଙ୍ଗଳାପଡ଼ାଠାରେ ମାଘ ଝାମୁଯାତ୍ରା ସମ୍ପନ୍ନ ହୋଇଛି। ମାଘ ଶୁକ୍ଳ ପକ୍ଷ ନବମୀ ତିଥି ମଙ୍ଗଳବାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ଓ ବାବା ଅଗ୍ନି ଭୈରବ ଦେବଙ୍କ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ ୯ ଦିନ ଧରି ଗଜାହେବା ପାଇଁ ଧାନ, ମୁଗ, ବିରି ଆଦି ରଖାଯାଇଥିବା ଟାଙ୍ଗୁଡ଼ିଗୁଡ଼ିକ ମନ୍ଦିରରେ ପୂଜାର୍ଚ୍ଚନା ହେବା ସହ ବେଲ କଣ୍ଟାରେ ଦୋଳି ପ୍ରସ୍ତୁତ କରାଯାଇଥିଲା। ବାବା ଅଗ୍ନି ଭୈରବ ଓ ମା' ମାଣିକେଶ୍ୱରୀ କଣ୍ଟାଦୋଳିରେ ବିଜେକରି ଶ୍ରଦ୍ଧାଳୁଙ୍କୁ ଦର୍ଶନଦେଇଥିଲେ। ଏହି ଅବସରରେ ଗ୍ରାମର ରୋହିତ ନାଏକଙ୍କ ଦେହରେ ଭଗବାନ କାଳିଶି ଆବିର୍ଭାବ ହୋଇଥିଲେ। କାଳିଶି ମୁଖ୍ୟ ମନ୍ଦିରରୁ ବାହାରି ନିଆଁରେ ଚାଲିବା ସହ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁ ମା'ଙ୍କ ନିକଟରେ କୁକୁଡ଼ା, ବୋଦା, ପାରା ଓ ନଡ଼ିଆ ଆଦି ଭୋଗ ଅର୍ପଣ କରିଥିଲେ। ଏଥିରେ ଶ୍ରୀତମ ନାଏକ, ଦୀପକ ନାଏକ, କୁମାରୁ ନାଏକ, ରଜନୀ ନାଏକ, ଗଙ୍ଗାରାମ ନାଏକ, ରାଜନା ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ନକଲି ମଦ ଜବତ, ୬ ଗିରଫ

**କେସିଙ୍ଗା,୨୯।୧(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା କଲେଜ ରୋଡ଼ସ୍ଥିତ ବିଦେଶୀ ମଦ ଦୋକାନ ପଛପଟେ ନକଲି ମଦ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ଖବର ପାଇ ଅବକାରୀ ବିଭାଗ ଗୁରୁବାର ଚଢାଉ କରିଥିଲା। କେସିଙ୍ଗା ଅବକାରୀ ଥାନାରେ ନୂତନ ଭାବେ ଯୋଗଦାନ କରିଥିବା ଓଆଇସିଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ଏହି ସମୟରେ ୧୦ ଲିଟର ନକଲି ମଦ ଜବତ ସହ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଭବାନୀପାଟଣା ଅବକାରୀ ବିଭାଗର କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେମାନେ ମିଡିଆକୁ କୌଣସି ସୂଚନା ଦେବା ପାଇଁ ମନା କରିଦେଇଥିଲେ।

# ହିନ୍ଦୁ ସମ୍ମିଳନୀ, ଗାୟତ୍ରୀ ମହାଯଜ୍ଞ

କୋକସରା,୨୯।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ହିନ୍ଦୁ ସମାଜର ନୂତନ ଶକ୍ତି, ଚେତନା ଓ ସ୍ୱାଭିମାନ ଜାଗ୍ରତ କରିବା ପାଇଁ ସମଗ୍ର ହିନ୍ଦୁ ସଂଗଠନ ସନାତନ ଧର୍ମ, ସଂସ୍କୃତି ଓ ସାମାଜିକ ଏକତା ନିମନ୍ତେ ଗୁରୁବାର କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତର ଆଁଇଲିଠାରେ ହିନ୍ଦୁ ସମ୍ମିଳନୀ ତଥା ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳୁ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ପାଞ୍ଚଟି ପରିବାର ସପତ୍ନୀକ ଯଜ୍ଞ କର୍ତ୍ତା ଭାବେ ରହିଥିଲେ। ଗାୟତ୍ରୀ ପରିବାରର ସଦସ୍ୟମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ହିନ୍ଦୁ ସମ୍ମିଳନୀ ସଞ୍ଚାଳନ ସମିତି ସଭାପତି ସୁବାସ ଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସାମାଜିକ କର୍ମୀ ବଜେନ୍ଦ୍ର ପାଙ୍ଗଯୋଷୀ ମୁଖ୍ୟଅତିଥି, ହିନ୍ଦୁ ସଂଗଠନର ରାଜ୍ୟ ସଦସ୍ୟ ଜୟନ୍ତ କୁମାର ମୁଣ୍ଡ ମୁଖ୍ୟବକ୍ତା ଓ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସହଦେବ ନେଗୀ, ସୀତାକାନ୍ତ ବାଗ, ଦେବୀ ପ୍ରସାଦ ସାହୁ, ଅଖିଳ ଚନ୍ଦ୍ର ସାହୁ, ସୁନୀତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସତ୍ୟସାଇ ଅନୁଷ୍ଠାନର କଳାହାଣ୍ଡି ଜିଲା ଆଦିବାସୀ ସଂଯୋଜକ ସାମାଜିକ କର୍ମୀ ପ୍ରେମଲାଲ ସାହୁଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତରୁମଣି ସାହୁ, ଗୋବର୍ଦ୍ଧନ ମାଝୀ, ପିତାମ୍ବର ରାଉତ, ଅର୍ଜୁନ ସାହୁ, ଭଗବାନ ମାଝୀ, ଟିକେମଣି ମାଝୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମୀକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁବ୍ରତ କୁମାର ସାହୁ, ଅଲେଖ ଚନ୍ଦ୍ର ସାହୁ, ରଶିକଲାଲ ମାଝୀ, କୁଞ୍ଜ ବିହାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ମହାଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି।

# ହିନ୍ଦୁ ସମ୍ମିଳନୀ: ଏକତ୍ରିତ ହେବାକୁ ଆହ୍ୱାନ

ଖଡ଼ିଆଲ,୨୯।୧ (ସୁଜିତ କୁମାର ପ୍ରଧାନ)

ସନାତନ ଧର୍ମ, ସଂସ୍କୃତି ଓ ସାମାଜିକ ଏକତାର ପ୍ରତୀକ ହିନ୍ଦୁ ସମ୍ମିଳନୀ ଖଡ଼ିଆଳ ଖଣ୍ଡର ତୁଆଝର ମଣ୍ଡଳରେ ଅନୁଷ୍ଠିତ ହୋଇଯାଇଛି। ସମିତି କୋଷାଧ୍ୟକ୍ଷ ହେରମ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ ଖଣ୍ଡ ସମରସତ୍ତା ସଂଯୋଜକ ଅକିଞ୍ଚନ ବାରିକ ମୁଖ୍ୟବକ୍ତା ଓ କଳାହାଣ୍ଡି ବିଭାଗ ସେବା ପ୍ରମୁଖ ସଜ୍ଜନ କୁମାର ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ଗୌର ଚନ୍ଦ୍ର ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ସୁରକ୍ଷା ପାଇଁ ସମସ୍ତ ଭେଦଭାବ ଭୁଲି ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସଂଘର କଳାହାଣ୍ଡି ବିଭାଗ ସମ୍ପର୍କ ପ୍ରମୁଖ ଗରୁ ଗହୀର ହିନ୍ଦୁ ସମାଜରେ ପଞ୍ଚ ପରିବର୍ତ୍ତନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପୂଜକ ଗୋପାଳ ମହାନ୍ତିଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ବିଭୂତି ଭୂଷଣ ବିଶି ମଞ୍ଚ ପରିଚାଳନା କରିଥିବାବେଳେ ହେରମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସମିତି ଅଧ୍ୟକ୍ଷ ଯୁବରାଜ ଜଗତ, ଉପସଭାପତି ଗୋବର୍ଦ୍ଧନ ମେହେର, ସମ୍ପାଦକ ଗିରିଧାରୀ ପଟେଲ, ଗଣେଶ ଗହୀର, ନୃପରାଜ ଶବର, ହରିହର ମେହେରଙ୍କ ସମେତ ତୁଆଝର, ନେହେନା ଓ ଶରଧାପୁର ପଞ୍ଚାୟତର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

### ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜୁନାଗଡ଼,୨୯।୧(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତାଳଜାରିଙ୍ଗ ପଞ୍ଚାୟତ ରେଲୱେ ବ୍ରିଜ ନିକଟରେ ଗୁରୁବାର ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟ ହୋଇଛି। ସେ ହେଲେ ଜୁନାଗଡ଼ ସହରର ଅମିତ ମିତ୍ତଲ। ଅମିତ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଥିଲେ। ହେଲେ ସେ ଘଟଣାସ୍ଥଳକୁ କେମିତି ଗଲେ ଓ କେଉଁ କାରଣରୁ ଟ୍ରେନ୍ ଧକ୍କା ହେଲା ତାହା ଜଣାପଡିନାହିଁ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# କର୍କଟ ରୋଗ ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥ ବାଧକ

**ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଗୁହାରି**

ବୋଡ଼େନ,୨୯।୧ (ଟିକେଶର ନାଗ)


ପରିବାର ସଦସ୍ୟଙ୍କ ସହ ପୀଡିତ ଦଶାନନ।

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ସୁନାପୁର ପଞ୍ଚାୟତ ଅନ୍ତର୍ଗତ ବାଗବାହାଲ ଗ୍ରାମର ଦଶାନନ ହଂସ (୪୦) କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଅର୍ଥାଭାବରୁ ସେ ଚିକିତ୍ସିତ ହୋଇ ନ ପାରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ନିବେଦନ କରିଛନ୍ତି। ପ୍ରାୟ ୧ବର୍ଷ ପୂର୍ବେ ଦଶାନନଙ୍କ ଦାନ୍ତମୂଳ ବଥାହୋଇ କ୍ରମଶଃ ବଢିଚାଲିଲା। ଡାକ୍ତରଖାନାରେ ପରୀକ୍ଷା ପରେ ତାଙ୍କୁ କର୍କଟ ରୋଗ ହୋଇଥିବା ଜଣାପଡିଥିଲା। ସରକାରଙ୍କ ଆୟୁଷ୍ମାନ କାର୍ଡରେ ଛତିଶଗଡ ରାୟପୁରସ୍ଥିତ ଏକ ହସ୍ପିଟାଲ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ପରେ ସେ ସୁସ୍ଥ ଅନୁଭବ କରିଥିଲେ ମଧ ବର୍ତ୍ତମାନ ପୂର୍ବଭଳି ଯନ୍ତ୍ରଣା ଭୋଗୁଛନ୍ତି। କେମୋ ନେବା ସତ୍ତ୍ୱେ ସୁଫଳ ମିଳିପାରୁନି। ବର୍ତ୍ତମାନ ଟଙ୍କା ଯୋଗାଡ କରି ଚିକିତ୍ସା ହେବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଯୋଗାଇଦେଲେ ସେ ଚିକିତ୍ସିତ ହୋଇ ଆରୋଗ୍ୟ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ତାଙ୍କ ପରିବାର ବିପିଏଲ୍ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ମୂଲମଜୁରି କରି ଚଳନ୍ତି। ପରିବାର କହିଲେ ସ୍ତ୍ରୀ ଧନମତି ସହ ଦୁଇ ଛୋଟ ଝିଅପୁଅ ଅଛନ୍ତି। ଜମିବାଡ଼ି କହିଲେ କିଛି ନାହିଁ। ଏପରି ସ୍ଥିତିରେ ସ୍ତ୍ରୀ ମୁଣ୍ଡରେ ହାତ ଦେଇ ବସିବା ସହ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଚିକିତ୍ସା ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି।

# ସମନ୍ୱିତ ଶିଶୁ ବିକାଶ ଯୋଜନାର ସମୀକ୍ଷା

ନୂଆପଡ଼ା,୨୯।୧ (ମକାରୁ ବେମାଲ)


ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ସମନ୍ୱିତ ଶିଶୁବିକାଶ ଯୋଜନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କ କାର୍ଯ୍ୟ ନିଷ୍ପାଦନ, ପୋଷଣ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଗର୍ଭବତୀଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାରିବାରିକ ସମ୍ପର୍କ ସୁଦୃଢ଼ କରିବାରେ ଶାଶୁବୋହୂ ମେଳି ଏକ ଫଳପ୍ରଦ ପଦକ୍ଷେପ ବୋଲି ଜିଲାପାଳ କହିଥିଲେ। ଏହାର ଅନ୍ତର୍ଗତ ଶ୍ରେଷ୍ଠ ଶାଶୁବୋହୂ ଯୋଡ଼ିଙ୍କୁ ପୁରସ୍କୃତ କରାଯିବା ସହ ସ୍ୱାମୀସ୍ତ୍ରୀ ମେଳି ଆୟୋଜନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ଜୋର ଦେଇ ଜିଲାପାଳ କହିଥିଲେ ଯେ ଏହା ନୀତି ଆୟୋଗ ଅଧୀନ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ। ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ସୁପରଭାଇଜରଙ୍କ ନିଯୁକ୍ତି ସମ୍ପର୍କିତ ମକଦ୍ଦମା ଶୀଘ୍ର ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ ସେ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ଗତ ମାସରେ ଜିଲାର ୫ ବ୍ଲକରେ ମାତୃମୃତ୍ୟୁ ଶୂନ୍ୟ ରହିଛି। ଏହି ସଫଳତାକୁ ଅବ୍ୟାହତ ରଖିବା ସହ ଶିଶୁମୃତ୍ୟୁ ହାର କମାଇବା ପାଇଁ ଆବଶ୍ୟକ ପଦକ୍ଷେପ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରସବ ପରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେଉଥିବା ଶିଶୁମାନଙ୍କ ଡାଟାବେସ ପ୍ରସ୍ତୁତ କରି ଘରକୁ ଯାଇ ସ୍ୱାସ୍ଥ୍ୟ ଯାଞ୍ଚ କରିବା, ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେବା ପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେ ଜୋର ଦେଇଥିଲେ। ଏହି ଅବସରରେ ସର୍ବୋତ୍କୃଷ୍ଟ କାର୍ଯ୍ୟନିଷ୍ପାଦନ କରୁଥିବା ଅଙ୍ଗନୱାଡ଼ି କର୍ମୀ ଓ ଅଙ୍ଗନୱାଡ଼ି ସହାୟିକାଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। ବୈଠକରେ ଉପଜିଲାପାଳ ସୁର୍ମି ସୋରେନ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଏସ୍. ଗୀତା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଋଣ ଟଙ୍କା ନେଇ ବିବାଦ, ୨ ଅଭିଯୁକ୍ତଙ୍କୁ ଜରିମାନା

ପଦ୍ମପୁର,୨୯।୧ (ପ୍ରଦୀପ୍ତ ଦାଶ): ଋଣ ଟଙ୍କା ଫେରସ୍ତ ନେଇ ହୋଇଥିବା ବିବାଦ ମାମଲାର ଶୁଣାଣି କରି ଗୁରୁବାର ଅଦାଲତ ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ହେଲେ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଗୋପାଳ ବରିହା ଓ ହାସା ବରିହା। ୨୮।୦୬।୨୦୨୨ତାରିଖ ରାତିରେ ଭେଡ଼ିଁଆ ଗ୍ରାମର ପବିତ୍ର ମୋହନ ମେହେର ପଦମପୁର ଥାନାରେ ହାଜର ହୋଇ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଅନୁଯାୟୀ, ଗୋପାଳ ବରିହା ଓ ହାସା ବରିହା ତାଙ୍କଠାରୁ ଋଣ ଭାବେ ଟଙ୍କା ନେଇଥିଲେ। ଟଙ୍କା ଫେରସ୍ତ ଦାବି କରିବାରୁ ଅସନ୍ତୁଷ୍ଟ ହୋଇ ୨୭।୦୬।୨୦୨୨ ରାତି ପ୍ରାୟ ୯ଟାରେ ଅଭିଯୁକ୍ତମାନେ ପବିତ୍ର ମୋହନଙ୍କ ଘର ସାମ୍ନାକୁ ଆସି ତାଙ୍କୁ ଓ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ମାମଲାରେ ଅଦାଲତ ଅଭିଯୁକ୍ତମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୪୧/୨୯୪/୫୦୬/୩୪ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି।

### ବରଗଡ଼ ଧନୁଯାତ୍ରା: ନନ୍ଦରାଜା ଅଭିନେତାଙ୍କ ପରଲୋକ

ବରଗଡ଼,୨୯।୧ (ପ୍ରେମାନନ୍ଦ ଖମାରୀ): ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୋପପୁରରେ ନନ୍ଦରାଜା ଭୂମିକାରେ ଅଭିନୟ କରିଆସୁଥିବା କଳାକାର ସତ୍ୟନାରାୟଣ ପୋଢ(୭୦)ଙ୍କ ଗୁରୁବାର ଭୋରରୁ ପରଲୋକ ହୋଇଛି। ସେ ତାଙ୍କ ଅମ୍ବାପାଲି(ଗୋପପୁର)ସ୍ଥିତ ବାସଭବନରେ ଥିବାବେଳେ ଭୋରରେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ଫଳରେ ତାଙ୍କୁ ବରଗଡ଼ ସହର ଉପକଣ୍ଠ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଦେହାନ୍ତ



ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପୋଢ ଦୀର୍ଘବର୍ଷ ଧରି ନନ୍ଦରାଜା ଭୂମିକାରେ ଅଭିନୟ କରି ଆସୁଥିଲେ। ତାଙ୍କ ବିୟୋଗରେ ଅମ୍ବାପାଲି ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଗଭୀର ସମବେଦନା ସହିତ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଆଲୁମ୍ନି ସଭାପତି ସୁରେଶ ମହାପାତ୍ର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ ଓ ସିଆର୍‌ସିସି ବାବୁଲୁ ଶତପଥୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କେନ୍ଦୁପତ୍ର କର୍ମଚାରୀ, ତୋଳାଳିଙ୍କ ପ୍ରତି ଅଣଦେଖା ମନୋଭାବ

## ବର୍ଷସାରା କାମ ଯୋଗାଇବାକୁ ଦାବି

ବରଗଡ଼,୨୯।୧ (ପ୍ରେମାନନ୍ଦ ଖମାରୀ)



ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ପଶ୍ଚିମ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ, ତୋଳାଳି ସଂଘର ସଭ୍ୟବୃନ୍ଦ।

କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ବର୍ଷସାରା କାମ ଯୋଗାଇବା ବଦଳରେ କେବଳ ସାମୟିକ ତଥା ଋତୁକାଳୀନ ଭାବେ ରୋଜଗାର ଦିଆଯାଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ବହୁବିଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ପଶ୍ଚିମ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ସଂଘ ଅଭିଯୋଗ କରିଛି। ଏହି କ୍ରମରେ ବର୍ଷସାରା ସେମାନଙ୍କୁ କାମ ଯୋଗାଇ ଦେବା ଦାବିରେ ଗୁରୁବାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, କେନ୍ଦୁପତ୍ର ସେକ୍ଟର ସମେତ ଜଙ୍ଗଲ ସୁରକ୍ଷା ଏବଂ ରାଜ୍ୟର ଅର୍ଥନୀତି ଅଭିବୃଦ୍ଧିରେ କେନ୍ଦୁପତ୍ର କର୍ମଚାରୀ ଏବଂ ତୋଳାଳିମାନଙ୍କ ପ୍ରମୁଖ ଭୂମିକା ରହିଛି। କିନ୍ତୁ କେନ୍ଦୁପତ୍ର କର୍ମଚାରୀ ଏବଂ ତୋଳାଳିଙ୍କୁ ଋତୁକାଳୀନ ଭାବେ ନିୟୋଜନ କରାଯାଉଥିବା ଯୋଗୁ ସେମାନଙ୍କ ଆର୍ଥିକ ସ୍ଥିତି ଭୁଶୁଡ଼ି ପଡୁଛି। ବର୍ଷର ଅର୍ଦ୍ଧାଧିକ ଦିନ ବେରୋଜଗାରକ୍ଷମ ହୋଇପଡୁଥିବାବେଳେ ଜୀବନ, ଜୀବିକା ନିର୍ବାହ ତଥା ପରିବାର ଗୁଜୁରାଣ ମେଣ୍ଟାଇବା କାଠିକର ପାଠ ହୋଇପଡୁଛି। ଅନ୍ୟପକ୍ଷେ କେବଳ ଋତୁକାଳୀନ ନୁହେଁ, ବର୍ଷବ୍ୟାପୀ କାମ କରିବା ପାଇଁ କେନ୍ଦୁପତ୍ର କର୍ମଚାରୀ ଏବଂ ତୋଳାଳିମାନେ ଇଚ୍ଛୁକ ଅଛନ୍ତି।

ଏହି ଦୃଷ୍ଟିରୁ କେନ୍ଦୁପତ୍ର କର୍ମଚାରୀ ଏବଂ ତୋଳାଳିମାନଙ୍କୁ କେବଳ ଋତୁକାଳୀନ ଭାବେ ନୁହେଁ, ଜଙ୍ଗଲ ବିଭାଗର ବିଭିନ୍ନ କାର୍ଯ୍ୟରେ ବର୍ଷବ୍ୟାପୀ ନିୟୋଜନ କରିବା ପାଇଁ ସଂଘ ଦାବି କରିଛି। ସେମାନଙ୍କୁ କେନ୍ଦୁପତ୍ର ପ୍ରକ୍ରିୟାକରଣ, ଚାରାରୋପଣ, ଜଙ୍ଗଲ ସୁରକ୍ଷା ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ ଅନ୍ୟକାମରେ ନିୟୋଜନ କରିବାକୁ ଦାବି ହୋଇଛି। ଏହାହେଲେ କୌଣସି କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି କେବେ ବେରୋଜଗାରକ୍ଷମ ହେବେ ନାହିଁ, ବରଂ ରୋଜଗାର ପାଇଁ ସେମାନଙ୍କ ଜୀବନ, ଜୀବିକାରେ ବିକାଶ ଆସିବା ସହିତ ପରିବାର ଗୁଜୁରାଣ ମେଣ୍ଟାଇବା ଲାଘବ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଏହାକୁ ବିଚାରକୁ ନେଇ ବିହିତ ପଦକ୍ଷେପ ନେବା ପାଇଁ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ସଂଘ ସ୍ମାରକପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛି। ସଂଘର ସଭାପତି ଛବିଳ ମୋହନ ସିଂ ଛିଡ଼ା ଏବଂ ସମ୍ପାଦକ ସୁରେଶ ମହାନନ୍ଦଙ୍କ ନେତୃତ୍ୱରେ ଅନେକ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ସ୍ମାରକପତ୍ର ଦେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ପିଏମଶ୍ରୀ ହାଇସ୍କୁଲରେ ଗଣିତ ପ୍ରଦର୍ଶନୀ ମେଳା

ପାଇକମାଳ,୨୯।୧ (ବଡ଼ ଶତପଥି)

ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱରେ ଗଣିତ ପ୍ରଦର୍ଶନୀ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମ୍ମାନୀତ ଅତିଥି ଭାବରେ ବରତୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ତ୍ରିପାଠୀ, ଛିନ୍ଦେଇକେଲା ହାଇସ୍କୁଲ ପ୍ରଧାନ ଶିକ୍ଷକ କାହ୍ନୁଚରଣ ମେହେର ଓ ଜାମସେଠ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରା ଯୋଗଦେଇଥିଲେ। ଅତିଥି ପରିଚୟ ନରହରି ସିଂ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନେ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ କରି ଅଂଶଗ୍ରହଣ କରିଥିଲେ। କ୍ରିଷ୍ଣା ବାଗ, ପଦ୍ମଲୋଚନ ମାଝୀ, ଶଙ୍କରଲାଲ ମହାନନ୍ଦ, ଅଭିଜିତ ରାଏ, ବିକ୍ରମ ସିଂ, ଅର୍ଜୁନ ଜେନା, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା ସଲୋନୀ ପ୍ରିୟଦର୍ଶନୀ ସେଠ, ନରେଶ ଧାକଡ଼, ଚିତ୍ତରଞ୍ଜନ ସାହା, ଅରୁଣ କୁମାର ପାତ୍ର, ଶ୍ରୀନିବାସ ରାଓ, ସଦାନନ୍ଦ ଭୋଇ, ସବିତା ସାହୁ, ନିଳମଣୀ ପୁଟା ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ନୀଳମଣି ବରିହା ଧନ୍ୟବାଦ ଦେଇଥିଲେ।

# ଜୁନିୟର ରେଡ଼କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଶିବିରରେ ମଞ୍ଚାସୀନ ଅତିଥି।

କନ୍ଧମାଳ/ପଲସାଗୋରା,୨୯।୧ (ଆଦିତେଶ୍ୱର ମିଶ୍ର/ଅଶ୍ୱିନୀ କୁମାର ନନ୍ଦ)

ବୌଦ୍ଧ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍‌ର ତ୍ରି ଦିବସୀୟ ପ୍ରଶିକ୍ଷଣ ଓ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଭାସ୍କର ଲେଙ୍କା, କନ୍ଧମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା, କନ୍ଧମାଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୋଜ କୁମାର ଭୁକ୍ତା, ଜିଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ କୁମାର ବେହେରା ଓ ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ନବ କିଶୋର ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିବିରରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୨୦୦ ଜୁନିୟର ରେଡ୍‌କ୍ରସ୍, ୫୬ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୬୦ ଜଣ ନୂତନ ଅଣ ତାଲିମପ୍ରାପ୍ତ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ନେବା ପାଇଁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋଟ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ରକ୍ତଦାନ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ଓ ପ୍ରଶଂସାପତ୍ର ବଣ୍ଟନ କରାଯାଇଥିଲା। ଶିକ୍ଷକ ବନମାଳି ମେହେର ମଞ୍ଚ ପରିଚାଳନା କରିଥିଲେ। ବ୍ଲକ୍ ସଂଯୋଜକ ମଞ୍ଜିତ ମୋହନ ଚାନ୍ଦ, ପ୍ରିୟମ୍ବଦା ସୁବୁଦ୍ଧି, ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ସମ୍ବଲପୁରୀ ସାହିତ୍ୟ ପରିଷଦର ସାରସ୍ୱତ ଆସର


ସାହିତ୍ୟ ସାରସ୍ୱତ ଆସରରେ ଉପସ୍ଥିତ କବିବୃନ୍ଦ।

ବରଗଡ଼,୨୯।୧ (ପ୍ରେମାନନ୍ଦ ଖମାରୀ)

କବି ପ୍ରାଣର ସୁକ୍ଷ୍ମ ଅନ୍ତଃଚେତନା ସେବା ଓ ସମର୍ପଣ ଦିଗରେ ଗତି କରିଥାଏ। ସାହିତ୍ୟ ସର୍ଜନା ସହିତ ଅଭାବୀ ମଣିଷର କ୍ଷୁଧା ପ୍ରଶମିତ କରିବା ପ୍ରତ୍ୟେକ କବିର ଧର୍ମ ଅଟେ। ବରଗଡ଼ ଜିଲା ବିଜେପୁର ବ୍ଲକ ସମଲେଇପଦରସ୍ଥିତ ପାର୍ବତୀ ଗିରି ଅନାଥା ବୃଦ୍ଧାଶ୍ରମରେ ବରଗଡ଼ ସମ୍ବଲପୁରୀ ସାହିତ୍ୟ ପରିଷଦ ତରଫରୁ ଆୟୋଜିତ ସଭାରେ ଏହା ମତପ୍ରକାଶ ପାଇଛି। ପରିଷଦର ନିଆରା କାର୍ଯ୍ୟକ୍ରମ ଫି ମାସ ଗୁଟେ ଦିନ, ସାହିତ୍ୟ ଭିତରେଁ ହେମା ଲିନ ଅବସରରେ ଚଳିତ ମାସ ଜୟନ୍ତୀ ପଡୁଥିବା କବି ଲାଲ ରତ୍ନାକର ସିଂ, ଭବାନୀ ଶଙ୍କର ପ୍ରଧାନ, ନରେନ୍ଦ୍ର ମହାନ୍ତି, ତେଜରୁ ବାରିକ, ଡଃ ନାରାୟଣ ଭୋଇ, ଭରତ ନାଏକ, ଦୁର୍ବାଦଳ ମେହେର ଓ ଯୋଗେଶ୍ୱର ତାଣ୍ଡି ପ୍ରମୁଖଙ୍କ ସାହିତ୍ୟିକ କୃତି ଓ ଜୀବନୀ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନା ସଭାରେ ସାହିତ୍ୟିକ ଡଃ ସୁବାସ ମେହେର ଅଧ୍ୟକ୍ଷତା କରିଥିବା ବେଳେ ଭାଷା ଗବେଷକ ଉତ୍ପନ୍ନ କୁମାର ଭୋଇ ସଭାକୁ ପରିଚାଳନା କରିଥିଲେ। ଏଥିରେ ବୃଦ୍ଧାଶ୍ରମର ସଭାପତି ସୁବାସ ପଧାନ, ଡଃ ଗୋବର୍ଦ୍ଧନ ସାହୁ ଓ ଲାଲସାହେବ ବାରିକ ଅତିଥିଭାବେ ଯୋଗ ଦେଇଥିଲେ। କବି ସୁଭାଷ ଚନ୍ଦ୍ର ଭୁଏଁଙ୍କ ଲୋକାର୍ପିତ କବିତା ସଂକଳନ ଭାବ ଅମୃତକୁ ପ୍ରାଧ୍ୟାପକ ସୁକୁମାର ଭୋଇ ସମୀକ୍ଷା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କବି ସୁରେଶ ଚନ୍ଦ୍ର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ କବି ସମ୍ମିଳନୀରେ ଅତିଥିଭାବେ ପରିବେଶବିତ୍ ଜେଠୁ ଭୋଇ, ଦିଲ୍ଲୀପ କୁମାର ଦେବତା ଓ ମକରଧ୍ୱଜ ସାହୁ ଉପସ୍ଥିତ ଥିଲେ। କବି ରାମପ୍ରସାଦ ବାଗ, ଈଶ୍ୱର ମେହେର, ପାଣ୍ଡ ସାହୁ, ଦିଲ୍ଲୀପ ସାହୁ, ରୁବି ମେହେର, ସାବିତ୍ରୀ ମେହେର, ସୁନନ୍ଦା ତାଣ୍ଡି, ଯୁବରାଜ ଦୀପ, ଧନେଶ୍ୱର ବିଶି, ମାଲଖୁଲୁ ହରିପାଲ ଆଦି କବିତା ଆବୃତ୍ତି କରି ଆଶ୍ରମର ଅନ୍ତେବାସୀ ତଥା ଶ୍ରୋତାଗଣଙ୍କୁ ବିମୋହିତ କରିଥିଲେ। ସମ୍ବଲପୁରୀ ସାହିତ୍ୟ ପରିଷଦ ତରଫରୁ କବି ଉମେଶ ପ୍ରଧାନ ଛାଏଁ ଛଏଁରା କଲାପଟା ସାହିତ୍ୟର ସଂଯୋଜକ କବି କୁମୁଦ ବାରିକ ଏବଂ କବି ଦୁର୍ବାଦଳ ମେହେର ଆଶ୍ରମର ସେବିକା ଉଷା ପଟେଲଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଗୁଛା ତରଫରୁ ମାନସ ଦାଶ ବହି ପସରା ପ୍ରଦର୍ଶନ କରିଥିଲେ। ଆଶ୍ରମର ସମ୍ପାଦକ ଜଳନ୍ଧର ପଟେଲ ଧନ୍ୟବାଦ ଦେଇଥିଲେ।

# ଜୁନିୟର ଫୁଟବଲ ପ୍ରତିଯୋଗିତା ଚୟନ ପ୍ରକ୍ରିୟା ଆରମ୍ଭ

ବରଗଡ,୨୯।୧ (ପ୍ରେମାନନ୍ଦ ଖମାରୀ): ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ସିଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲାର ବିଭିନ୍ନ ଫୁଟବଲ ଦଳ ଗଠନ ପାଇଁ ଚୟନ ପ୍ରକ୍ରିୟା ଗୁରୁବାର ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ୨ଦିନ ଧରି ଚାଲିବ। ଏଥିରେ ଯେଉଁ ଖେଳାଳିମାନେ ପୂର୍ବରୁ ଅନ୍‌ଲାଇନ ଜରିଆରେ ରେଜିଷ୍ଟ୍ରେଶନ କରିଛନ୍ତି, ସମସ୍ତ ଖେଳାଳି ଶୁକ୍ରବାର ଓ ଶନିବାର ଦିନ ମଧ୍ୟରେ ଷ୍ଟାଡିୟମରେ ସକାଳ ୮ଟାରେ ଉପସ୍ଥିତ ରହିବାକୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଫୁଟବଲ ସମ୍ପାଦକ ସେକ୍ ସବଦର ଜଣାଇଛନ୍ତି। ଗୁରୁବାର ଏହି ପ୍ରକ୍ରିୟାରେ ୬୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶ ଗ୍ରହଣ କରିଥିଲେ।

# ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ

ବରଗଡ଼,୨୯।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମର ମାହେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପରେ ବୁଧବାର ବରଗାଁ ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ଏହି ଶିବିରରୁ ମୋଟ ୧୦୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବରଗାଁ ଲାଲ ବାହାଦୁର ଶାସ୍ତ୍ରୀ ଫୁଟ ବଲ ଟିମ, ଯୁବନେତା ମନୋଜ ସାହୁ, ଶୁକଦେବ ମିଶ୍ର, ବିଜେଡି କର୍ମକର୍ତ୍ତା ଓ ନିଷ୍ଠା ପରିବାରର ସଦସ୍ୟା, ସଦସ୍ୟ ଶିବିର ପରିଚାଳନା କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ବରଗାଁ ଗ୍ରାମବାସୀଙ୍କୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍କୁଲରେ ଜାତୀୟ ଖବରକାଗଜ ଦିବସ



ଜାତୀୟ ଖବରକାଗଜ ଦିବସରେ ଖବର ପଠନ ପ୍ରତିଯୋଗିତା ଚାଲିଛି।

ଅତାବିରା,୨୯।୧ (ଯୁଧିଷ୍ଠିର ମହାପାତ୍ର)

ଅତାବିରାସ୍ଥିତ ହୋଲି ହାର୍ଟ ପବ୍ଲିକ ସ୍କୁଲରେ ଜାତୀୟ ଖବରକାଗଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଖବରଦାତା ଯୁଧିଷ୍ଠିର ମହାପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପୂଜାରୀ ଏବଂ ନିର୍ଦ୍ଦେଶକ ସମିତ ପ୍ରଧାନ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେ। ପଞ୍ଚମ ଶ୍ରେଣୀର ଛାତ୍ର ଶୈୟଲ ଶୁଭଙ୍କର ପଣ୍ଡା ଓ ଛାତ୍ରୀ ଆରାଧ୍ୟା ଆଚାର୍ଯ୍ୟ ଜାତୀୟ ଖବରକାଗଜ ଦିବସରେ ଖବର ବିଷୟରେ ନିଜର ବକ୍ତୃତା ପ୍ରଦାନ କରିଥିଲେ ଓ ଏହି ଉତ୍ସବରେ ୟୁ.କେ.ଜି.ର ଛାତ୍ରୀ ସାନ୍‌ବୀ ବେହେରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ କୁନି କୁନି ସାମ୍ବାଦିକ ଭାବରେ ନିଜ ନିଜର ଖବରକାଗଜର ଖବର ଉପସ୍ଥାପନା କରିଥିଲେ। ବହୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖବର ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମଧ୍ୟ ପାଳନ କରାଯାଇଥିଲା। କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜର କଳା ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ରେଶ୍ମା ପଧାନ ଓ ସ୍ମୃତି ଦାଶ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ମେହେର ଖବର ପ୍ରସାରଣ ବିଷୟରେ ନିଜର ବକ୍ତୃତା ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ଶାଶ୍ୱତି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା

ପାଇକମାଳ ୨୯।୧ (ବଡ଼ ଶତପଥୀ)



ସଡ଼କ ସୁରକ୍ଷା ସଚେତନତା କରାଯାଉଛି।

ପାଇକମାଳ ଆମ ପୋଲିସ ଆନୁକୂଲ୍ୟରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ମୁଖ୍ୟ ଛକରେ ଓ ବଜାର ଛକରେ ସଚେତନ କରାଯାଇ ହେଲମେଟ ପିନ୍ଧି ନଥିବା ବାଇକ ଚାଳକଙ୍କୁ ହେଲମେଟ ପିନ୍ଧିବା ପାଇଁ ତାଗିଦ୍ କରାଯାଇଥିଲା ଓ ହେଲମେଟ ପିନ୍ଧି ଥିବା ବାଇକ୍ ଚାଳକଙ୍କୁ ଚକୋଲେଟ ପ୍ରଦାନ କରାଯାଇଥିଲା। ନବୋଦୟ ବିଦ୍ୟାଳୟ, ଯମୁନାକନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଳ ହାଇସ୍କୁଲରେ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ସଡ଼କ ସୁରକ୍ଷା, ଜୀବନ ରକ୍ଷା ସ୍ଲୋଗାନ ଦେଇ ସଚେତନ କରାଯାଇଥିଲା। ଏଥିରେ ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ବଡ଼ ଶତପଥୀ, ସୁରଥ ସାହୁ ନବୋଦୟ ବିଦ୍ୟାଳୟର ଇନଚାର୍ଜ ପ୍ରିନସିପାଲ ଅରବିନ୍ଦ ପାତ୍ର, ଯମୁନା କନ୍ଧୁଣି ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ପାଇକମାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାଡ଼ି ଚଳାଇବା ସହ କିପରି ନିଜର ଓ ଅନ୍ୟମାନଙ୍କର ଜୀବନ ସୁରକ୍ଷିତ ରଖିପାରିବା ସେ ନେଇ ଅତିଥିମାନେ ବୁଝାଇଥିଲେ।

# ତିଳେଶ୍ୱର କପ୍ ଫୁଟବଲ: ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ଚାମ୍ପିୟନ

ହରଭଙ୍ଗା,୨୯।୧ (ନରେନ୍ଦ୍ର କୁମାର ସାହୁ)


ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ବଜାର ଆସୋସିଏଶନ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ୨୨ତମ ତିଳେଶ୍ୱର କପ୍ ଫୁଟ୍‌ବଲ ମହାକୁମ୍ଭ ଗୁରୁବାର ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ବିହାର ବକ୍ସର ଓ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିଆରେ ସୁନ୍ଦରଗଡ ଦଳ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ, କମିଟିର ଉପସଭାପତି ବିକ୍ରମ ପ୍ରଧାନ, ସମ୍ପାଦକ ନାରାୟଣ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ରେଫରି ଶେଷଦେବ ବେହେରା, ସୁଜିତ କୁମାର ହଂସ, ଗରିବ ବେହେରା ଓ ଚତୁର୍ଥ ରେଫରୀ ଶିବ ଦେହୁରୀ ଖେଳ ପରିଚାଳନା କରିଥିଲେ। ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସିମୁନ ନାଏକ ଧାରା ବିବରଣୀ ଏବଂ ସୁଜିତ ବେହେରା ଓ ସୁନୀଲ କର୍ଣ୍ଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁଭ୍ରଜିତ ପ୍ରଧାନ, ନାରାୟଣ ମହାନ୍ତି, ଝଟିଆ ପ୍ରଧାନ, ଶିବାନନ୍ଦ ସାହୁ, ବିକ୍ରମ ପ୍ରଧାନ, ଓମ୍‌ପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷକ ନିଯୁକ୍ତି ଦାବି: ଗେଟ୍‌ରେ ତାଲା, ସ୍କୁଲ ବାହାରେ ପିଲା

ଖୁଣ୍ଟିଗୋରା,୨୯।୧ (ମକରନ୍ଦ ସାହୁ)


ସ୍କୁଲ ଗେଟ୍‌ରେ ତାଲା ବନ୍ଦ ଯୋଗୁ ଛାତ୍ରୀଛାତ୍ର ବାହାରେ ବସିଛନ୍ତି।

ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ଗୁରୁବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଅନ୍ତର୍ଗତ ଦେଢ଼େଣମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଛନ୍ତି। ବିଦ୍ୟାଳୟରେ ତାଲା ବନ୍ଦ ଯୋଗୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ବାହାରେ ରହିଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦିଆ ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ବନ୍ଦ ଆନ୍ଦୋଳନ ହେବ ବୋଲି ପରିଚାଳନା କମିଟି ସଭାପତି ସଞ୍ଜିପତି ରଣା, ସଦସ୍ୟା ନିରୁପମା ବଗର୍ତ୍ତି, ଅଭିଭାବକ ମଦନ ସୁନ୍ଦର ହରିପାଳ, ବିଜୁ ବାଘ, ପ୍ରଶାନ୍ତ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ବିଭାଗୀୟ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି।

ଦେଢ଼େଣମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୭୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଠାରେ ଗତ ୩ବର୍ଷ ହେଲା ମାତ୍ର ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ସେମାନଙ୍କ ମଧ୍ୟରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଉଥିବା ବେଳେ ଜଣେ ବିଏଲ୍‌ଓ ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ଦୁଇ ଜଣ ନିଜ ଦାୟିତ୍ୱରେ ସ୍କୁଲ ବାହାରେ ରହିଲେ ଜଣେ ଶିକ୍ଷକ ୯ଟି ଶ୍ରେଣୀ କଥା ବୁଝିବା କଷ୍ଟକର। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କଣ୍ଟାମାଳ ବିଇଓଙ୍କୁ ବାରମ୍ବାର ଜଣାଇଥିବା ବେଳେ ଜିଲାପାଳଙ୍କ ଜନଶୁଣାଣିରେ ମଧ୍ୟ ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ଉକ୍ତ ସ୍କୁଲକୁ ଶିକ୍ଷକ ଯୋଗାଇ ଦିଆଯାଇନାହିଁ। ଫଳରେ ଅସନ୍ତୁଷ୍ଟ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଗୁରୁବାର ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଛନ୍ତି।

# ଟ୍ରକ୍ ଚକ ତଳେ ଚାପି ହୋଇ ସ୍କୁଟି ଚାଳକ ମୃତ

ବାଲିଶଙ୍କରା, ୨୯।୧ (ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ତଳସରା ଥାନା ତଥା ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ନିକଟ ମୁଖ୍ୟ ରାସ୍ତାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ମାଲ ବୋଝେଇ ଟ୍ରକ୍ ପଛପଟୁ ଧକ୍କା ଦେବା ସହ ଘୋଷାରି ନେବାରୁ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାବୁଡିହି ମିଞ୍ଜପଡ଼ାର ରାଜେଶ କିଣ୍ଡୋ (୫୦)। ସ୍କୁଟି (ନଂ.ଓଡି ୧୬ ପି ୩୨୨୨)ରେ ରାଜେଶ ଯାଉଥିବା ବେଳେ ସୁନ୍ଦରଗଡ଼ ପଟୁ ବାଲିଶଙ୍କରା ହୋଇ ରାଜସ୍ଥାନ ଯାଉଥିବା ଟ୍ରକ୍ (ନଂ.ଆରଜେ ୦୨ ଜିସି ୫୨୮୫) ଦ୍ରୁତ ଗତିରେ ଆସି ସ୍କୁଟି ପଛ ପଟକୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଚକା ତଳେ ଚାପି ହୋଇଯିବାରୁ ଅଣ୍ଟା ପାଖରୁ ରାଜେଶଙ୍କ ଶରୀର ଛିଣ୍ଡି ଅଲଗା ହୋଇଯାଇଥିଲା। ତଳସରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ହଟୁନି ଜବରଦଖଲ, ପରିକଳ୍ପନା ଲକ୍ଷ୍ୟଚ୍ୟୁତ

**ରାଉରକେଲା ଗ୍ରୀନ୍ ବେଲ୍ଟ ଏରିଆ**

## ନୋଟିସ ଦେଇ ଚୁପ୍ ବସିଛି ବିଭାଗ

ରାଉରକେଲା, ୨୯।୧ (ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା ଗ୍ରୀନ ବେଲ୍ଟ ଅଞ୍ଚଳରେ ଦୋକାନ ରହିଛି।

ରାଉରକେଲା ସହରକୁ ସମୃଦ୍ଧ ସବୁଜ କ୍ଷେତ୍ର ଭାବେ ଗଢିତୋଳିବା ପାଇଁ ଆର୍‌ଏମ୍‌ସି ଓ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ମାତ୍ର ସହରର ସବୁଜ କ୍ଷେତ୍ର ଅଞ୍ଚଳ ବା ଗ୍ରୀନ ବେଲ୍ଟ ଏରିଆ ଭାବେ ଚିହ୍ନଟ ହୋଇଥିବା ସ୍ଥାନମାନଙ୍କରେ ଜବରଦଖଲ କରି ଦୋକାନ ବଜାର ହୋଇଥିବା ଯୋଗୁ ଏହି ଉଦ୍ୟମ ସଫଳ ହୋଇପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ପ୍ରକାଶ ଥାଉକି, ଆର୍‌ଏମ୍‌ସି ପକ୍ଷରୁ ରାଉରକେଲାକୁ ସମୃଦ୍ଧ ସବୁଜ କ୍ଷେତ୍ର ସହର ଭାବେ ପରିଗଣିତ କରିବା ଓ ସହରାଞ୍ଚଳର ପାରିପାର୍ଶ୍ୱିକ ପରିବେଶକୁ ଉତ୍କୃଷ୍ଟ ମାନବୀୟ ସଭ୍ୟତା ଜୀବନଯାପନ ସକାଶେ ପ୍ରଦୂଷଣମୁକ୍ତ ନଗରୀ ଭାବେ ପ୍ରସ୍ତୁତ କରିବା ଯୋଜନା ଦୀଘବର୍ଷ ହେଲା ଚାଲିଛି। ଫଳସ୍ୱରୂପ ସହରର ବିଭିନ୍ନ ବସ୍ତି, ମୁଖ୍ୟମାର୍ଗ ପାର୍ଶ୍ୱ ଅଞ୍ଚଳ ଆଦିରେ ଉଦ୍ୟାନ ପାର୍କ ସହିତ ସବୁଜ ବନାନୀ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏଥିସହ ଆର୍‌ଏମ୍‌ସି ପକ୍ଷରୁ ସ୍ମାର୍ଟ ସିଟି ଗ୍ରୀନ ବେଲ୍ଟ ବିକାଶ ପ୍ରସ୍ତାବକୁ ସଫଳ ରୂପାୟନ କରିବା ପାଇଁ ଉପଯୁକ୍ତ କ୍ଷେତ୍ର ଚୟନ ନେଇ ସ୍ଥାନୀୟ ସହରବାସୀ, ସରକାରୀ ଓ ବେସରକାରୀ ସଙ୍ଗଠନ ଗୁଡିକର ବିଚାର ଏବଂ ମନ୍ତବ୍ୟ ମଧ ଲୋଡାଯାଉଛି। ମାତ୍ର ପରିତାପର ବିଷୟ, ସହରର ଅନେକ ଗ୍ରୀନ ବେଲ୍ଟ ଅଞ୍ଚଳରେ ଜବରଦଖଲ ହେଉଥିବା ବେଳେ ବିଭାଗ କେବଳ ନୋଟିସ ଦେଇ ଚୁପ୍ ବସୁଛି। ଫଳରେ ସହରକୁ ସବୁଜ କ୍ଷେତ୍ର ଭାବେ ଗଢି ତୋଳିବା ପରିକଳ୍ପନା ଏକପ୍ରକାର ଲକ୍ଷ୍ୟଚ୍ୟୁତ ହେଉଛି। ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ୍ ସିଟି ଏଣ୍ଡ ରିଜନାଲ ପ୍ଲାନର୍ସ (ଆଇଏସ୍‌ଓସିଏଆର୍‌ପି)ର ରିପୋର୍ଟ ମୁତାବକ, ରାଉରକେଲା ସାମଗ୍ରିକ ବିକାଶ ଯୋଜନା ମାଧ୍ୟମରେ ୨୦୩୧ ସୁଦ୍ଧା ସହରର ସବୁଜ ସମୃଦ୍ଧ କ୍ଷେତ୍ର ଓ ସାର୍ବଜନୀନ ସ୍ଥାନ ସହିତ ବିଶେଷ କରି ରାଉରକେଲା ବିମାନ ବନ୍ଦର ସୀମାବର୍ତ୍ତୀ ସମୁଦାୟ ଅଞ୍ଚଳ ସମ୍ପୂର୍ଣ୍ଣ ଗ୍ରୀନ ବେଲ୍ଟ ଭାବେ ପରିଗଣିତ ହେବ। ମାତ୍ର ଜବରଦଖଲକୁ ଦେଖିଲେ ଏହି ପରିକଳ୍ପନା ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଉଲ୍ଲେଖନୀୟ, ଆର୍‌ଏମ୍‌ସିର ପ୍ଲାନିଂ ବିଭାଗ ଅନୁଯାୟୀ ଉଦିତନଗର ଓ ସିଭିଲଟାଉନଶିପ୍ ଏବଂ ପାନପୋଷ ଓ ଛେଣ୍ଡ ମଧ୍ୟବର୍ତ୍ତୀ ବହୁ କ୍ଷେତ୍ର ଗ୍ରୀନ ବେଲ୍ଟ ଜୋନ ଭାବେ ବହୁବର୍ଷ ଆଗରୁ ଚୟନ କରାଯାଇଛି। ଏମିତିକି ସିଭିଲଟାଉନଶିପ୍ ଫୁଏଲ କେନ୍ଦ୍ର ଠାରୁ ଦୁଆ ମୋଟର୍ସ ଯାଏ ଥିବା ଖୋଲା ସ୍ଥାନକୁ ଗ୍ରୀନ ବେଲ୍ଟ ଭାବେ ଚୟନ କରାଯାଇଥିବା ବେଳେ ଏହି ଅଞ୍ଚଳରେ ଅବୈଧ ଭାବେ ଦୋକାର ବଜାର ଖୋଲାଯାଇଛି। ଆର୍‌ଏମ୍‌ସି ପକ୍ଷରୁ ଉକ୍ତ ବ୍ୟବସାୟୀମାନଙ୍କୁ ୩ ମାସ ତଳେ ନୋଟିସ ଦିଆଯାଇଥିଲେ ମଧ ଏଯାଏ ଜବରଦଖଲ ହଟିନାହିଁ। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ସହରର ବିଭିନ୍ନ ମୁଖ୍ୟମାର୍ଗ ପାର୍ଶ୍ୱସ୍ଥ ଅଞ୍ଚଳରେ ଉଦ୍ୟାନ ପାର୍କ, ଗାଲିଚା ସହିତ ସବୁଜ କ୍ଷେତ୍ର ସୃଷ୍ଟି କରିଚାଲିଛି। ଏଥିସହ ସହରାଞ୍ଚଳ ବସ୍ତିର ଖୋଲା ସ୍ଥାନରେ ଉଦ୍ୟାନ କ୍ଷେତ୍ର ମଧ ପ୍ରସ୍ତୁତ ହେଉଛି। ସେହିପରି ସହରରେ ନୂଆ ଗ୍ରୀନ ବେଲ୍ଟ ଅଞ୍ଚଳମାନ ଚୟନ କରାଯାଉଛି। କିଛି ଗ୍ରୀନ ବେଲ୍ଟ ଅଞ୍ଚଳ ଜବରଦଖଲ ହୋଇଛି। ସେମାନଙ୍କୁ ନୋଟିସ ଦେବା ସହିତ ଜବଦରଖଲ ହଟାଇବା ପାଇଁ ସମୟ ଦିଆଯାଇଛି। ସମୟ ମଧ୍ୟରେ ଜବରଦଖଲ ନ ହଟିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଦସ୍ତଗୀର କହିଥିଲେ।

# ୨ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

**ଟାଙ୍ଗିଆରେ ହାଣି ହତ୍ୟା ମାମଲା**

ରାଉରକେଲା, ୨୯।୧ (ସଙ୍ଗୀତା ଜେନା)

ହାତୀବାରି ଅଞ୍ଚଳରେ ଏକ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତ ବଳରାମ ମିଞ୍ଜ ଓ ଲୋଦ୍ରାଙ୍କୁ ଅତିରିକ୍ତ ଜିଲା ଦୌରାଜଜ୍ ମୁକ୍ତିରଞ୍ଜନ ଶତପଥୀ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ରହିଛି। ସୂଚନାଯୋଗ୍ୟ, ୨୦୨୦ ମାର୍ଚ୍ଚ ୯ ତାରିଖ ସନ୍ଧ୍ୟା ୭ଟାରେ ହାତୀବାରି ଥାନା କୁଦ୍ରାଶ୍ରମ ଗ୍ରାମର ତେମ୍ଭୁ ଓରାମ ଘର ସମ୍ମୁଖରେ ବଳରାମ ଓ ଲୋଦ୍ରାଙ୍କ ସହିତ ନିଆଁ ପୁହୁଁଥିଲେ। ସେହି ସମୟରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବଳରାମ ଓ ଲୋଦ୍ରା ଟାଙ୍ଗିଆରେ ତେମ୍ଭୁଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୃତକଙ୍କ ପୁଅ ହାତୀବାରି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାରେ ୩୧ଟି ସାକ୍ଷ୍ୟ ଓ ୧୪ଟି ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ଶତପଥୀ ଅଭିଯୁକ୍ତଦ୍ୱୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଦେଇଥିଲେ। ଏପିପି ଅମ୍ବିକା ପ୍ରସାଦ ସିଂହ, ରବିଶଙ୍କର ମିଶ୍ରଙ୍କ ବଳିଷ୍ଠ ଯୁକ୍ତି ଓ ଡିଡିପି କହ୍ନେଇଲାଲ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲା ପରିଚାଳନା ହୋଇଥିଲା।

# ଯୋଗଦେଲେ ୧୨ ଜିଲାର ୧୫୦୦ ଛାତ୍ରୀଛାତ୍ର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ୟୁଜିଆଇରେ ପଲିଫେଷ୍ଟ**

ରାଉରକେଲା, ୨୯।୧ (ଦିନେଶ ମିଶ୍ର)

ରାଉରକେଲା ଜେଲ୍‌ରୋଡ୍ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ (ୟୁଜିଆଇ) ପକ୍ଷରୁ ଆଞ୍ଚଳିକ ପଲିଫେଷ୍ଟ-୨୦୨୬ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୟୁଜିଆଇର ଅଧ୍ୟକ୍ଷ ଶରତ କୁମାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୩ଦିନିଆ ଉତ୍ସବରେ କାଷ୍ଟପ୍ରୋଫାଇଲ୍‌ର ମ୍ୟାନେଜିଂ ଡାଇରେକ୍ଟର ଆର. ଏସ୍. ଗିଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ୧୨ଟି ଜିଲାର ପ୍ରାୟ ୧୫ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏସ୍. କେ. ଡିଏଭି ପଲିଟେକ୍‌ନିକ୍ ଖେଳ ପଡିଆ, ସରକାରୀ ଆଇଟିଆଇ, ଡିଏଭି ସ୍କୁଲ ଖେଳ ପଡିଆ, ୟୁଜିଆଇ ଖେଳ ପଡିଆରେ ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରାୟ ୩୦ଟି ବିଭାଗରେ ଖେଳ ପ୍ରତିଯୋଗିତା ହୋଇଥଲା। ଏହି ପ୍ରତିଯୋଗିତାରେ ପ୍ରମୁଖ କଲେଜର କ୍ରୀଡା ଶିକ୍ଷକ, କଣ୍ଠଶିଳ୍ପୀ ରାଜକୁମାରୀ ଦେବୀ ଓ ସୁଦେଷ୍ଣା ରାଉତ ବିଚାରକ ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଡି. ଆର. ପଟ୍ଟନାୟକ, ଶିଶିର କୁମାର ଦଳେଇ, ଅନିମା ଏକ୍କା, ସୌମ୍ୟରଞ୍ଜନ ମିଶ୍ର, ରଞ୍ଜିତ ରଞ୍ଜନ ଗିରି, ଅମିତ ମାରାଣ୍ଡି, ଗୌତମ ମାଝୀ, ରଘୁନାଥ ମାରାଣ୍ଡି, ହରିହର ହାସଁଦା, ଶୁଭାସିନୀ ଜେନା, ମାସନୀ ପ୍ରିୟଦର୍ଶିନୀ, ଜେ. କେ. ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଅଧ୍ୟାପିକା କାନନିକା ନାୟକ ମଞ୍ଚ ପରିଚାଳନା ଏବଂ ଏସ୍.କେ ଡିଏଭି ପଲିଟେକ୍‌ନିକ୍‌ର ଅଧ୍ୟକ୍ଷା ଶୈଳଜା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା ବାଲ୍ୟବିବାହ ମୁକ୍ତ ଭାରତ ରଥ

ରାଉରକେଲା, ୨୯।୧ (ସଙ୍ଗୀତା ଜେନା)

ସମାଜରେ ବାଲ୍ୟବିବାହ ଭଳି କୁପ୍ରଥାକୁ ରୋକିବା ପାଇଁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ବାଲ୍ୟବିବାହ ମୁକ୍ତ ଭାରତ ରଥର ଶୁଭାରମ୍ଭ ହୋଇଛି। ସାମାଜିକ ଅନୁଷ୍ଠାନ ଜିତା ଓ ଜଷ୍ଟ ରାଇଟ୍‌ସ ଫର୍ ଚିଲ୍‌ଡ୍ରେନ୍ ପକ୍ଷରୁ ଏହାକୁ ରାଉରକେଲା ପୋଲିସ ମୁଖ୍ୟାଳୟରୁ ଆରମ୍ଭ କରାଯାଇଥିଲା। ଅତିରିକ୍ତ ଏସ୍‌ପି ମୀନାକ୍ଷୀ ନାୟକ, ଗୁରୁବାରୀ ହେମ୍ବ୍ରମ, ଜିଲା ଶ୍ରମ ଅଧିକାରୀ ଗୋପାଳ ଚନ୍ଦ୍ର ମଙ୍ଗରାଜ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ରଥ ରାଉରକେଲା ସମେତ ଲହୁଣୀପଡ଼ା ବ୍ଲକର ୫୦ଟି ଗ୍ରାମ ପରିକ୍ରମା କରିବ। ୨୦୩୦ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ଅନୁଷ୍ଠାନର ଜିଲା ସଂଯୋଜିକା ମଧୁସ୍ମିତା ମହାପାତ୍ର ସୂଚନା ଦେଇଥିଲେ। ଏହି ଅବସରରେ ବାଲ୍ୟବିବାହ ନିରୋଧ ପାଇଁ ଶପଥ ଗ୍ରହଣ କରାଯାଇଥିଲା।



ବାଲ୍ୟ ବିବାହ ମୁକ୍ତ ଭାରତ ରଥ ଶୁଭାରମ୍ଭ କରାଯାଉଛି।

# ଉଷୁ ପ୍ରତିଯୋଗିତା: ରାଉରକେଲା ଖେଳାଳିଙ୍କୁ ସ୍ୱର୍ଣ୍ଣ ପଦକ




ପଦକ ସହ କୃତୀ ପ୍ରତିଯୋଗୀ।

ରାଉରକେଲା, ୨୯।୧ (ଦିନେଶ ମିଶ୍ର)

ଭୁବନେଶ୍ୱରସ୍ଥିତ ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଉରକେଲା ଓ ସୁନ୍ଦରଗଡ ଖେଳାଳି କନିଷ୍ଠ ଓ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଦ୍‌ଯାପନୀ ଦିବସରେ କ୍ରୀଡା ବିଭାଗର ବରିଷ୍ଠ ଅଧିକାରୀ ଧୀରଜ ପଟ୍ଟନାୟକ, ଓଡିଶା ଉଷୁ ସଂଘର ଅଧ୍ୟକ୍ଷ ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ଓ ସଭାପତି ବିଷ୍ଣୁମୋହନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୨୧ଟି ଜିଲାରୁ ୩୫୦ ପ୍ରତିଯୋଗୀ ଓ ୫୦ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରାଉରକେଲା ଓ ରାଜଗାଙ୍ଗପୁରରୁ ୩୨ ଜଣ ଉଷୁ ଖେଳାଳି ଓ ୨ ଜଣ ଅଧିକାରୀ ପ୍ରତିନିଧିତ୍ୱ କରିଥିଲେ। ଉପସଭାପତି ଟିକା ବାହାଦୂର ଓ ସମ୍ପାଦକ ସୁଜନ ରଥ ବୈଷୟିକ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। କନିଷ୍ଠ ବର୍ଗରେ ସୁନ୍ଦରଗଡ ଦଳରେ ରାଉରକେଲା ଓ ରାଜଗାଙ୍ଗପୁରର ଉଷୁ ପ୍ରତିଯୋଗୀମାନେ ପ୍ରତିନିଧିତ୍ୱ କରି ୯ଟି ସ୍ୱର୍ଣ୍ଣ ପଦକ ସହ ଦଳଗତ ଭାବେ ବିଜେତା ହୋଇଥିବାବେଳେ ବରିଷ୍ଠ ବର୍ଗରେ ୯ଟି ସ୍ୱର୍ଣ୍ଣ ପଦକ ସହ ଉପବିଜେତା ହୋଇଥିଲେ। ସେହିଭଳି ୪ଟି ସ୍ୱର୍ଣ୍ଣ ପଦକ ସହ ଉପକନିଷ୍ଠ ଦଳ ୨ୟ ଉପବିଜେତା ଟ୍ରଫି ହାତେଇଥିଲେ। ଏହି ସଫଳତା ପାଇଁ ସୁନ୍ଦରଗଡ ଉଷୁ ସଂଘ ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକ, ବାସୁ ବାନାର୍ଜୀ, ଓ. ପି. ସିଂ, ସୁଦୀପ୍ତ ନାୟକ ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଉଇ ଫର୍ ୟୁ ୟୁଥ୍ କ୍ଲବର ଚତୁର୍ଥ ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ସମ୍ମାନିତ ପ୍ରତିଭା।

ରାଉରକେଲା, ୨୯।୧ (ବିପ୍ଳବ ରଞ୍ଜନ ଦାଶ)

ଉଇ ଫର୍ ୟୁ ୟୁଥ୍ କ୍ଲବର ଚତୁର୍ଥ ବାର୍ଷିକୋତ୍ସବ ଛେଣ୍ଡସ୍ଥିତ ଗୋପବନ୍ଧୁ ପାର୍କରେ ଗତ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି କୈଳାଶ ବେହେରା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ବାରିକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁ ଶରତ ଚନ୍ଦ୍ର ଧଳ ସ୍ୱତନ୍ତ୍ର ଅତିଥି, ଶ୍ରମିକ ନେତା ରମେଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରବୀର କୁମାର ଜେନା ଓ ଝିଲିମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସମାଜସେବୀ ରମେଶ ଅଗ୍ରୱାଲଙ୍କୁ ସେବାରତ୍ନ ସମ୍ମାନ, ଛେଣ୍ଡ ଥାନା ଏସ୍‌ଆଇ ମହେନ୍ଦ୍ର କୁମାର ସାହୁଙ୍କୁ ଆଦର୍ଶ ସେବାରତ୍ନ ସମ୍ମାନ, ଶ୍ରୀ ସତ୍ୟସାଇ ସେବା ସମିତି ରାଉରକେଲାକୁ ମାନବସେବା ରତ୍ନ ସମ୍ମାନ, ସାଗରିକା ୱେଲଫେୟାର ଟ୍ରଷ୍ଟକୁ ମହିଳା ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମାନସ ରଞ୍ଜନ ପରିଡ଼ା, ରାହୁଲ ପଲେଇ, ବିଶ୍ୱଜିତ ଘୋଷ, ଆଶୁତୋଷ ବିଶ୍ୱାଳ, ପ୍ରଶାନ୍ତ ସାହୁ, ପ୍ରେମ ରଞ୍ଜନ ପରିଡ଼ା, ଦେବୀକା ମିଶ୍ର, ବିଭୁଦତ୍ତ ରାଉତ, ବାଦଲ ଦାସ, ଦୀପ୍ତିରଞ୍ଜନ ବାରିକ, ପ୍ରଦୀପ କୁମାର ବାରିକ, ଉପଦେଷ୍ଟା ଗିରିଜା ଶଙ୍କର ଗୋସ୍ୱାମୀ ପ୍ରମୁଖ ସହଯୋଗ କରିଥିଲେ।

# ଶୈକ୍ଷିକ ଭବନ ନିର୍ମାଣ ପାଇଁ ଭୂମି ପୂଜନ

ରାଉରକେଲା, ୨୯।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ପ୍ରାପ୍ତ ଅନୁଦାନ ଅର୍ଥରେ ନିର୍ମାଣ ହେବାକୁ ଥିବା ନୂତନ ଶୈକ୍ଷିକ ଭବନର ଭୂମି ପୂଜନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ସମିତି ସଭାପତି ତଥା ଉପଜିଲାପାଳ ବିଜୟ କୁମାର ନାୟକ, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ସନାତନ ପ୍ରଧାନ, ଅଧୀକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ସିଂହ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ହରିହର ଦାଶ ସ୍ୱାଗତ କରିଥିବା ବେଳେ ଦୀପ୍ତିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହିତ ଶୈକ୍ଷିକ ଗୁଣାତ୍ମକ ମାନ, ସାମାଜିକ ସମରସତ୍ତା, ନୈତିକ ମୂଲ୍ୟବୋଧ ଓ ରାଷ୍ଟ୍ରୀୟ ବୋଧର ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଜୟଲକ୍ଷ୍ମୀ ଦେଓ, ରୁମା ସାହୁ, ଅର୍ପିତା ମହାପାତ୍ର, ବିଜୟ ପାଢ଼ୀ, ଦିବ୍ୟକାନ୍ତି ବିଲୁଙ୍ଗ, ଆଶିଷ ପରିଡ଼ା ଓ ହେମନ୍ତ ପୁହାଣ ପ୍ରମୁଖ ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ସଚେତନତା ପାଇଁ ଆରଏସ୍‌ପି ପକ୍ଷରୁ ଗୁରୁବାର ଅପରାହ୍ନ ୧ଟାରେ ଇନ୍ଦିରା ଗାନ୍ଧୀ ପାର୍କ ଟ୍ରାଫିକ୍ ଟାୱାର ନିକଟରେ ମାନବଶୃଙ୍ଖଳ କରାଯାଇଛି। **(ଫଟୋ: ସଙ୍ଗୀତା ଜେନା)**

# ରାଉରକେଲାରେ ପହଞ୍ଚିଲା ବେଲଜିୟମ୍ ଦଳ

ରାଉରକେଲା, ୨୯।୧ (ଦିନେଶ ମିଶ୍ର)

**ଫେବୃଆରୀ ୧୦ରୁ ଏଫ୍‌ଆଇଏଚ୍ ହକି ପ୍ରୋଲିଗ୍**

ଆଉ ମାତ୍ର ଦୁଇ ସପ୍ତାହ ପରେ ରାଉରକେଲା ଆରମ୍ଭ ହେବ ଏଫ୍‌ଆଇଏଚ୍ ହକି ପ୍ରୋଲିଗ୍। ଏହି ପ୍ରୋଲିଗ୍ ମ୍ୟାଚ୍ ୧୫ ତାରିଖ ପର୍ଯ୍ୟନ୍ତ ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଖେଳାଯିବ। ଏହାକୁ ନେଇ ସୁନ୍ଦରଗଡ ଜିଲାର ହକିପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପ୍ରୋଲିଗ୍ ପୂର୍ବରୁ ବେଲଜିୟମ ଦଳ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିବା ପରେ ଏକ ବସ୍ ଯୋଗେ ରାଉରକେଲାରେ ଗୁରୁବାର ଅପରାହ୍ନ ସାଢେ ୩ଟାରେ ପହଞ୍ଚିଥିଲା। ସେମାନଙ୍କୁ ମେଫେୟାର ହକି ଭିଲେଜରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟା ସମୟରେ ଦଳର ଖେଳାଳିମାନେ ମେଫେୟାର ହକି ଭିଲେଜରେ ଥିବା ଜିମ୍‌ରେ ଶାରୀରିକ ବ୍ୟାୟମ କରୁଥିବା ଦେଖିବାକୁ ମିଳିଥିଲା। ବେଲଜିୟମ୍ ଦଳର ଅଧିନାୟକ ଅର୍ଥର ଭ୍ୟାନଡ୍ରନ କହିଥିଲେ, ରାଉରକେଲା ବର୍ତ୍ତମାନର ପାଣିପାଗ ହକି ଖେଳ ପାଇଁ ବେଶ୍ ଉପଯୋଗୀ। ବିର୍ସା ମୁଣ୍ଡା ଆଷ୍ଟ୍ରୋଟ୍ରଫ୍‌ରେ ଶୁକ୍ରବାର ସକାଳେ ଆମ ଦଳ ଅଭ୍ୟାସ କରିବ। ଏହି ପ୍ରୋଲିଗ୍ ମ୍ୟାଚ୍ ରୋମାଞ୍ଚକ ହେବ ଏବଂ ଏଥିରେ ଆମ ଦଳ ଉଚ୍ଚକୋଟୀର ପ୍ରଦର୍ଶନ କରିବ ବୋଲି ଅଧିନାୟକ ଅର୍ଥର ଆଶାବ୍ୟକ୍ତ କରିଥିଲେ।



ବେଲଜିୟମ ଦଳର ଖେଳାଳିମାନେ ବ୍ୟାୟାମ କରୁଛନ୍ତି।

# ସେଞ୍ଚୁରି କ୍ରିକେଟ: ଆର୍‌ଏସ୍‌ଏ ଚାମ୍ପିୟନ

ରାଉରକେଲା, ୨୯।୧ (ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୫ ଖେଳ ପଡିଆରେ ଚାଲିଥିବା ୩୨ତମ ରାଉରକେଲା ସେଞ୍ଚୁରୀ କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ଗତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ବଡଗାଁ ନର୍ସିଂହୋମ୍ କଲେଜର ଅଧ୍ୟକ୍ଷ ଡାକ୍ତର ଅରୁଣ କୁମାର ନାୟକ ମୁଖ୍ୟ ଅତିଥି, ସିଆଇଟିଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ମେହମ୍ମୁଦ ଆଲାମ, ଚାନ୍ଦ ହୁସେନ, ଅବଦୁଲ କଲାମ ଆଜାଦ୍, ନବାବ ଅଖତର, ମକ୍‌ସୁଦ ଆଲାମ, ସମିମ୍ ଏହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆର୍‌ଏସ୍‌ଏ) ଓ ବାସନ୍ତୀ କଲୋନୀ ୟୁଥ୍ କ୍ରିକେଟ୍ ଆସୋସିଏଶନ (ୱାଇସିଏ) ମଧ୍ୟରେ ଖେଳାଯାଇଥିଲା। ଏଥିରେ




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ବାସନ୍ତୀ କଲୋନୀ ୱାଇସିଏ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ତାର ସମସ୍ତ ଉଇକେଟ୍ ହରାଇ ୨୧୧ ରନ୍ କରିଥିଲା। ଦଳ ପକ୍ଷରୁ ରାହୁଲ ଛତ୍ରୀ ମାତ୍ର ୫୮ଟି ବଲ ଖେଳି ସର୍ବାଧିକ ୭୬ ରନ୍ କରିଥିଲେ। ଆର୍‌ଏସ୍‌ଏ ଦଳ ପକ୍ଷରୁ ମୃଦୁଲ ପାଣ୍ଡେ ଓ ସୁପ୍ ଭୂୟାଁ ଉଭୟ ୭ ଓଭର ବୋଲିଂ କରି ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଆର୍‌ଏସ୍‌ଏ ଦଳ ୩୨ ଓଭରରେ ୪ ଉଇକେଟ ହରାଇ ୨୧୪ ରନ୍ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଆନନ୍ଦ ମାତ୍ର ୩୬ ବଲ ଖେଳି ସର୍ବାଧିକ ୫୭ ରନ୍ କରିଥିବାବେଳେ ଶୁଭଙ୍କର ବିଶ୍ୱାସ ମାତ୍ର ୫୩ ବଲ ଖେଳି ୫୫ ରନ୍ କରିଥିଲେ। ରାହୁଲ ଛତ୍ରୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଏବଂ ଆଦିତ୍ୟ ଆନନ୍ଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଚାମ୍ପିୟନ ଦଳ ଆର୍‌ଏସ୍‌ଏକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳ ୱାଇସିଏକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଶେଖ ଜମାଲ ଓ ଡକ୍ଟର ଅବଦୁଲ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ସେଞ୍ଚୁରୀ କ୍ଲବର ଇମ୍ରାନ ଅଲ୍ଲୀ, ତାହୀର ହୁସେନ, ସରବର ଆଜମ୍, ପ୍ରଦୀପ ସିଂ, ଲତିଫ୍ ଖାନ, ରିଜୱାନ ଅଲ୍ଲୀ, ଏମ୍‌ଡି ବାବର, ଏମ୍‌ଡି ଶାରୁଖ, ସରଫାଜ ଆଲାମ, ପରବେଶ ଆଲାମ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

# ଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ

**ଜମନକିରା,୨୯।୧(ରବୀନ୍ଦ୍ର ପ୍ରସାଦ ଦାନୀ)**

ଜମନକିରା ମୁଖ୍ୟ ଛକରେ ନିର୍ମିତ ହେଉଥିବା ମା'' ଦୁର୍ଗାଙ୍କ ମନ୍ଦିରର ରତ୍ନମୁଦ ( ମୁଣ୍ଡି ମାରିବା ) ମହୋତ୍ସବ ଗୁରୁବାର ପ୍ରାତଃ ସାଢ଼େ ୪ଟା ରୁ ଶୁଭାରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୭ଟାରେ ଶେଷ ହୋଇଥିଲା। ଗ୍ରାମ ଉନ୍ନୟନ କମିଟିର ନିର୍ଦ୍ଧାରିତ ତାରିଖ ଓ ସମୟ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାତଃରୁ ସାହାଡ଼ା ବୃକ୍ଷ ଏବଂ ବରୁଣ ବୃକ୍ଷଙ୍କୁ ପୂଜାର୍ଚ୍ଚନା କରାଯାଇ ବୃକ୍ଷକୁ କଟା ଯାଇଥିଲା। ପରେ ପୂର୍ବାହ୍ନ ସାଢ଼େ ୮ ଟାରେ ମନ୍ଦିର ପ୍ରାଙ୍ଗଣରେ କର୍ତ୍ତା ଭାବେ ହେମନ୍ତ କୁମାର ପଟେଲ ଏବଂ ତାଙ୍କ ଧର୍ମପତ୍ନୀ ଦେବକୀ ପଟେଲ ପୂଜା କର୍ମ କରିଥିବା ବେଳେ ପୂଜକ ଭାବେ ଅଶୋକ କୁମାର ପାଣିଗ୍ରାହୀ ଏବଂ ଗୋପାଳ ଶତପଥୀ ପୁରୋହିତ ଭାବେ କାର୍ଯ୍ୟ ତୁଲେଇ ଥିଲେ। ପରେ ସାଢ଼େ ୧୧ ଟା ସମୟରେ ରତ୍ନମୁଦ ( ମୁଣ୍ଡି ମରା) କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ଏଥିରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ପଞ୍ଚରତ୍ନ, ଅଷ୍ଟଧାତୁ, ପଞ୍ଚଶସ୍ୟ ପ୍ରଦାନ କରିଥିଲେ। ବହୁ ଭକ୍ତ ଅର୍ଥ ଦାନ ମଧ୍ୟ କରିଥିଲେ। ପ୍ରାୟ ଦେଢ଼ କୋଟି ବ୍ୟୟ ଅଟକଳରେ ନିର୍ମିତ ଏହି ମନ୍ଦିର ପାଇଁ ବ୍ଲକ ତଥା ଜିଲା ଅଞ୍ଚଳରୁ ବହୁ ଭକ୍ତ ଉପସ୍ଥିତ ରହି ଦାନ ଧର୍ମ କରିଥିଲେ। ପୂଜା କାର୍ଯ୍ୟ ଶେଷ ହେବା ପରେ ଶ୍ରଦ୍ଧାଳୁଙ୍କୁ ଅର୍ଣ୍ଣ ପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଯୋଗ ଦେଇ କମିଟିର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ନବ ନିର୍ମାଣ କମିଟିର ସଭାପତି ପିଛାଲୁ ଭୋଇ, କମିଟିର ସମ୍ପାଦକ ହେମନ୍ତ ମହାକୁଲ, ଆଦି ପ୍ରସାଦ ମହାକୁଲ, ରବୀନ୍ଦ୍ର ପ୍ରସାଦ ଦାନୀ, ରମେଶ ସାହୁ, ଅନୁପ କୁମାର ବହିଦାର, ସୁବାସ ସାହୁ, ଶିବାଶିଷ ପଟ୍ଟନାୟକ, ସୁନିଲ ମହାକୁଲ, ଟିକେଶ୍ୱର ମହାକୁଲା, ଅମିତ ଅଗ୍ରୱାଲ, ଦେବା ମାହାକୁଲ, ଦିଲୀପ ସାହୁ, ବିରାଜ ପାଣ୍ଡେ, ପ୍ରଶାନ୍ତ ନାଏକ, ଦିଲୀପ ବହିଦାର, ନାରାୟଣ ସାହୁ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ଏଥିରେ ବହୁ ସଙ୍କୀର୍ତ୍ତନ, କୃଷଗୁରୁ ଏବଂ ସମ୍ପ୍ରଦା ମଣ୍ଡଳୀ ଯୋଗ ଦେଇଥିଲେ।

# ଖାଦ୍ୟ ସାମଗ୍ରୀ ରପ୍ତାନିରେ ଭାରତ ୧ ନମ୍ବର ହେବ

**ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)**



ଏପିଇଡିଏ ପକ୍ଷରୁ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଦେଶରୁ କୃଷିଜାତ ଦ୍ରବ୍ୟ ଓ ପ୍ରସ୍ତୁତ ଖାଦ୍ୟ ରପ୍ତାନି କ୍ଷେତ୍ରରେ ଭାରତକୁ ବିଶ୍ୱରେ ଏକ ନମ୍ବର ସ୍ଥାନରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏପିଇଡିଏର ପୂର୍ବାଞ୍ଚଳ ମୁଖ୍ୟ ସୀତାକାନ୍ତ ମଣ୍ଡଳ କହିଛନ୍ତି। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଗୁରୁବାର ଭାରତ ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନ କୃଷିଜାତ ଦ୍ରବ୍ୟ ଓ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ରପ୍ତାନି ବିକାଶ ପ୍ରାଧିକରଣ(ଏପିଇଡିଏ) ପକ୍ଷରୁ ଅନୁଷ୍ଠିତ ଦକ୍ଷତା ବିକାଶ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଣ୍ଡଳ ଏହା କହିଛନ୍ତି। ଏହି ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ତଥା ଚାଷୀଙ୍କ ବିକାଶ ନେଇ ଅନେକ ଉପାଦେୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସେ କହିଲେ ଯେ, କୃଷି ଜାତ ଦ୍ରବ୍ୟ ତଥା ପ୍ରସ୍ତୁତ ଖାଦ୍ୟ ରପ୍ତାନୀକୁ ତ୍ୱରାନ୍ୱିତକରି ପାଇଁ ଭାରତ ସରକାର ଗତ ୧୯୮୬ ମସିହାରେ ଏପିଇଡିଏ ଗଠନ କରିଥିଲେ। ଫଳରେ ଦେଶରୁ ରପ୍ତନୀ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିଛି ବୋଲି ସେ କହିଥିଲେ।

**ଦକ୍ଷତା ବିକାଶ କର୍ମଶାଳା**

କର୍ମଶାଳାରେ ସ୍ଥାନୀୟ କୃଷି ଜାତ ଦ୍ରବ୍ୟରୁ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି ଓ ଏହାର ବୈଦେଶିକ ବାଣିଜ୍ୟ ତଥା ରପ୍ତାନୀ ସମ୍ପର୍କରେ ଉପସ୍ଥିତ କୃଷକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସୂଚନା ଦିଆଯାଇଥିଲା। ଏଥିରେ ବିଶେଷ କରି ବାମରା ଓ କୁଚିଣ୍ଡା ଅଞ୍ଚଳର ଲଙ୍କା, ଫୁଲ, ମିଲେଟ ଭଳି କୃଷିଜାତ ଦ୍ରବ୍ୟ ତଥା ଜିଲାର ଆମ୍ବ ରପ୍ତାନୀକୁ ନେଇ ବିଭିନ୍ନ ଉପାଦେୟ ପରାମର୍ଶ ଦିଆଯାଇଥିଲା। ସେହିପରି ଜିଲାର ବିଭିନ୍ନ ଉଦ୍ୟମୀ ଓ ଚାଷୀ ଯୋଗ ଦେଇ ଉକ୍ତ କ୍ଷେତ୍ରରେ ନିଜ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଓଏସ୍‌ସିଆଇ ଅଧ୍ୟକ୍ଷ ସାଧୁରାମ ଛତ୍ରିଆ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନବାର୍ଡର ଏଜିଏମ୍ ଧରେନ୍ଦ୍ର କୁମାର ଦାଶ, କୃଷି ବିଶେଷଜ୍ଞ ଅଭିଜିତ ମହାପାତ୍ର, ଜିଲା ଶିଳ୍ପ କେନ୍ଦ୍ରର ମୁଖ୍ୟ ପ୍ରବନ୍ଧକ ଛତିଶ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସହିପରି ଜିଲାର ବହୁ ସଂଖ୍ୟାରେ କୃଷକ, ଉଦ୍ୟମି ଓ ଏସ୍‌ଏଚ୍‌ଜିର ମହିଳା ସଦସ୍ୟାମାନେ ଯୋଗ ଦେଇଥିଲେ।

# ସଂସ୍କୃତ ଶିକ୍ଷା ସମାଜ ସଂସ୍କୃତିକୁ ସୁଦୃଢ଼ କରିଥାଏ

**କୁଚିଣ୍ଡା,୨୯।୧(ବିରଞ୍ଚି ଦର୍କା)**

**ସଂସ୍କୃତ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଆଠଗାଁ ଡୁମେରମାଲ ସଂସ୍କୃତ ବିଦ୍ୟାଳୟରେ ଗୁରୁବାର ୩୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟ ଅତିଥି, କୁଚିଣ୍ଡା କଲେଜ ଅଧ୍ୟାପକ ଡ. ଦିଲିପ କୁମାର ନନ୍ଦ ମୁଖ୍ୟ ବକ୍ତା, ବାଙ୍କେ ପଞ୍ଚାୟତର ସରପଞ୍ଚ ପିଙ୍କି ନାଏକ, ସମିତି ସଭ୍ୟ ସମୀର କଉଡ଼ି, ପୂର୍ବତନ ଜିଲାପରିଷଦ ସଭ୍ୟ ରୁଦ୍ର ପ୍ରତାପ ଦେଓ, ସମାଜସେବୀ ବିଭୂତି କଲ୍ୟାଣ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସଂସ୍କୃତ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାଛଡା ସଂସ୍କୃତ ଶିକ୍ଷା ଦ୍ୱାରା ମଣିଷ ସମାଜର ସଂସ୍କୃତି ଆଦି ସୁଦୃଢ ହୋଇଥାଏ ବୋଲି କହି ଶିକ୍ଷକ ଅଭାବ ଜନିତ କାରଣରୁ ପିଲାଙ୍କ ଭବିଷ୍ୟତ ଖରାପ ଆଡ଼କୁ ଗତି କରୁଥିବା କହିଥିଲେ। ଶିକ୍ଷକ ସରୋଜ କୁମାର ରଥ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବସନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସଚେତନତା ଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବ



ମନ୍ତ୍ରୀ ରବିନାରାୟଣ ନାଏକ ସଚେତନତା ବାର୍ତ୍ତା ଦେଉଛନ୍ତି।

**କୁଚିଣ୍ଡା,୨୯।୧(ବିରଞ୍ଚି ଦର୍କା)**

**କୁଚିଣ୍ଡାରେ ସଡ଼କ ସଚେତନତା କାର୍ଯ୍ୟକ୍ରମ**

ସମ୍ବଲପୁର ଜିଲା କୁଚିଣ୍ଡାରେ ଗୁରୁବାର ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଆରଟିଓ ଏବଂ କୁଚିଣ୍ଡା ହୋପସ୍କୋପ ଡ୍ରାଇଭିଂ ସ୍କୁଲ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ପରିବହନ ବିଭାଗ ଅତିରିକ୍ତ ଆରଟିଓ କାହ୍ନୁଚରଣ ବାନରା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ନାଏକ ତାଙ୍କ ବକ୍ତବ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଜନସାଧାରଣଙ୍କ ଜୀବନ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଏହା ଦ୍ୱାରା ଦୁର୍ଘଟଣା ହ୍ରାସ ପାଇ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ହୋପସ୍କୋପ ଡ୍ରାଇଭିଂ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡାର ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏଥିରେ ପ୍ରୋଗ୍ରାମ କୋଅର୍ଡିନେଟର ମମତା ମାଝି, ଅର୍ଚ୍ଚନା ବେହେରା, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ସମ୍ବଲପୁର ପରିବହନ ବିଭାଗ ଓ ହୋପ ସ୍କୋପ ଡ୍ରାଇଭିଂ ସ୍କୁଲ କର୍ମଚାରୀଙ୍କ ସମେତ ବିଭିନ୍ନ ସ୍କୁଲ କଲେଜର ଶିକ୍ଷକ, ଅଧ୍ୟାପକମାନେ ସାମିଲ ହୋଇଥିଲେ।

# ମା' କୋଳକୁ ଫେରିଲେ ଅପରିପକ୍ୱ ଜନ୍ମିତ ଯାଆଁଳା ଶିଶୁ

**କ୍ରିଷ୍ଣା ବିକାଶ ହସ୍ପିଟାଲରେ ବିରଳ ଚିକିତ୍ସା**

**ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)**

ସମ୍ବଲପୁର ଭାଲୁପାଲିସ୍ଥିତ କ୍ରିଷ୍ଣା ବିକାଶ ସୁପର ସ୍ପେସାଲିଷ୍ଟ ହସ୍ପିଟାଲରେ ଦୀର୍ଘ ୯୦ ଦିନ ଧରି ଚିକିତ୍ସିତ ହେବା ପରେ ଗୁରୁବାର ମା'କୋଳକୁ ଫେରିଛନ୍ତି ଅପରିପକ୍ୱଭାବେ ଜନ୍ମିତ ଜାଆଁଳା ଶିଶୁକନ୍ୟା। ବରଗଡ଼ ଅଞ୍ଚଳର ଜଣେ ଆସନ୍ନ ପ୍ରସବା ନଭେମ୍ବର ୧ରେ ଏଠି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମାତ୍ର ସାଢ଼େ ୬ ମାସର ଗର୍ଭଧାରଣ ପରେ ଉକ୍ତ ମହିଳାଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକ ତାଙ୍କୁ କ୍ରିଷ୍ଣା ବିକାଶ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅବସ୍ଥା କ୍ରମଶଃ ଜଟିଳ ହେବାକୁ ଲାଗିଥିବା ବେଳେ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ବିଷ୍ଣୁୟ କୁମାର ଷଡ଼ଙ୍ଗୀ ତାଙ୍କର ଜରୁରୀକାଳୀନ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାରରେ ମହିଳା ଜାଆଁଳା ଶିଶୁକନ୍ୟାଙ୍କୁ ଜନ୍ମଦେଇଥିଲେ। ମାତ୍ର ଅପରିପକ୍ୱ ଅବସ୍ଥାରେ ଜନ୍ମ ହୋଇଥିବାରୁ ଜାଆଁଳା ଶିଶୁକନ୍ୟାଙ୍କ ଅବସ୍ଥା ଜଟିଳ ଥିଲା। ଜନ୍ମ ବେଳେ ଉଭୟଙ୍କ ଓଜନ ଯଥାକ୍ରମେ ଏକ କିଲୋ ଓ ୭ଶହ ଗ୍ରାମ ରହିଥିଲା। ଉଭୟଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖା ଦେବା ସହିତ ସଂକ୍ରମିତ ହୋଇଥିଲା। ତେଣୁ ନବଜାତ ଶିଶୁ ବିଶେଷଜ୍ଞ ଡା. ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହସ୍ପିଟାଲ ନବଜାତ ଶିଶୁ ସଘନ କେନ୍ଦ୍ର(ଏନ୍‌ଆଇସିୟୁ)ରେ ଭେଣ୍ଟିଲେଟର ଓ ଆମ୍ଳଜାନ ସହାୟତାରେ ଚିକିତ୍ସା କରାଯାଇଥିଲା। ତେବେ ଦୀର୍ଘ ୯୦ ଦିନର ଚିକିତ୍ସା ପରେ ଓଜନ ବୃଦ୍ଧି ପାଇବା ସହ ସେମାନେ ସୁସ୍ଥ ହୋଇଥିଲେ। ସେମାନଙ୍କ ଓଜନ ଯଥାକ୍ରମେ ୨ କିଲୋ ଓ ୧୬୦୦ଗ୍ରାମ ହେବା ପରେ ଉଭୟଙ୍କୁ ଗୁରୁବାର ଘରକୁ ପଠାଇ ଦିଆଯାଇଛି। ଜାଆଁଳା ଶିଶୁ ଏବେ ମା' କୋଳକୁ ଫେରିଛନ୍ତି।

# ଚାଷୀଙ୍କୁ ୨୭୪୫ କୁକୁଡ଼ା ଚିଆଁ ବଣ୍ଟନ

**ସମ୍ବଲପୁର,୨୯।୧(ଭବାନୀ ଶଙ୍କର ଭୋଇ)**

**ବନ ବିଭାଗର ବିକଳ୍ପ ରୋଜଗାର ପ୍ରୋତ୍ସାହନ**

ସଦର ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ବନାଞ୍ଚଳରେ ବିକଳ୍ପ ରୋଜଗାର ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରଲୋଇ ଓ ବୀରସିଂହଗଡ ବନସୁରକ୍ଷା ସମିତିର ଚାଷୀଙ୍କୁ ଜଣକ ପିଛା ୪୫ଟି ହିସାବରେ ୨ ହଜାର ୭୪୫ଟି ଉନ୍ନତ ମାନର କୁକୁଡା ଚିଆଁ ବଣ୍ଟନ କରାଯାଇଥିଲା। ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇ ବିକଳ୍ପ ରୋଜଗାରରେ ସାମିଲ କରିବାକୁ ବନ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ହିମାଂଶୁ ଶେଖର ସାହୁ, ହାତିବାରୀ ପ୍ରାଣୀ ଧନ ନିରୀକ୍ଷକ ଦେବବ୍ରତ ନାଥ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସଦର ବନାଞ୍ଚଳର କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ନାୟକ, ବୀରସିଂହଗଡ ବନସୁରକ୍ଷା ସମିତିର ସଭାପତି ସୁଶୀଲ କୁମାର ଭଇଁସାଲ, ବୀରସିଂହଗଡ ପଞ୍ଚାୟତର ସରପଞ୍ଚ ରିଙ୍କି ଭଇଁସାଲ, ମୃତ୍ତିକା ସଂରକ୍ଷଣ ବିଭାଗ ତଥା କୃଷିର ସ୍ଥିରତା ନିମନ୍ତେ ଜଳଛାୟା ପୁନରୁଦ୍ଧାର ପ୍ରକଳ୍ପର ଜିଲା ସ୍ତରୀୟ ପ୍ରଶିକ୍ଷକ ଶକ୍ତି ବିଜୟ କୁମାର ମେହେର, ସୁଶାନ୍ତ ସ୍ୱାଇଁ, ଛନ୍ଦାଚରଣ ଯୋଶୀ, ରଶ୍ମିରଞ୍ଜନ ପାଲ, ମହାଶକ୍ତି ଫାଉଣ୍ଡେଶନର ପ୍ରକଳ୍ପ ଅଧିକାରୀ ସୁମିତ ନାୟକ ଏବଂ କୃଷି ବିଶେଷଜ୍ଞ ମୋନାଲିସା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତ୍ୟେକ ଆଗ୍ରହୀ ଚାଷୀଙ୍କୁ ସମୁଦାୟ ୨୭୪୫ଟି କୁକୁଡା ଚିଆଁ ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସକ କୁକୁଡା ଚିଆଁଙ୍କ ଯତ୍ନ, ଔଷଧ, ଖାଦ୍ୟ ଆଦି ବିଷୟରେ ଅବଗତ କରିଥିଲେ। ଶେଷରେ ବୀରସିଂହଗଡ ବନସୁରକ୍ଷା ସମିତିର କୋଷାଧ୍ୟକ୍ଷ ନବୀନ ଠେଠୁଆର ଧନ୍ୟବାଦ ଅର୍ପଣ କରିଥିଲେ।



ଗ୍ରାମବାସୀଙ୍କ ସହ ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ।

# ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମିଶ୍ରଙ୍କ ପରଲୋକ

**ସମ୍ବଲପୁର,୨୯।୧(ବି.ଶଙ୍କର)**

ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମିଶ୍ରଙ୍କ ୬୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସମ୍ବଲପୁର ଗୋପଲମାଳର ସ୍ଥାୟୀ ଅଧିବାସୀ ବିଶିଷ୍ଟ ସାହିତ୍ୟିକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ମିଶ୍ର କିଛି



ମାସ ପୂର୍ବରୁ ଝାରସୁଗୁଡ଼ା ସରବାହାଲ ସ୍ଥିତ ନିଜ ଝିଅ ଘରକୁ ଯାଇଥିଲେ। ସେଠାରେ ବୁଧବାର ରାତି ପ୍ରାୟ ୧୦ଟା ସମୟରେ ତାଙ୍କର ପରଲୋକ ହୋଇଯାଇଛି। ଗୁରୁବାର ଝାରସୁଗୁଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱାମୀ ମାହେଶ୍ୱରୀ ପ୍ରସାଦ ମୁଖାଗ୍ନି ଦେଇଥିଲେ। ବଲାଙ୍ଗୀରର ମେଣ୍ଡା ହାଇସ୍କୁଲରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିବା ଶିକ୍ଷୟିତ୍ରୀ ମିଶ୍ର ପରବର୍ତ୍ତୀ ସମୟରେ ଲପଙ୍ଗା ହାଇସ୍କୁଲ ଓ ଚନ୍ଦ୍ରଶେଖର ବେହେରା ହାଇସ୍କୁଲରେ ଶିକ୍ଷାଦାନ ସହ ସେଠାରୁ ଅବସର ନେଇଥିଲେ। ତାଙ୍କର ବହୁ ପୁରାତନ ଛାତ୍ର, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଜି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏନେଇ ଗୁରୁବାର ଅପରାହ୍ନରେ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଦୋଲଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଥିରଥ ପ୍ରଧାନ, ପ୍ରଦ୍ମୁମ ମିଶ୍ର, ଅଚ୍ୟୁତାନନ୍ଦ ପଟେଲ, ବିହାରୀଲାଲ ମହାନ୍ତି, ଶିବିଲ ନାୟକ, ପ୍ରସନ୍ନ ମହାପାତ୍ର, ଶ୍ୟାମପ୍ରସାଦ ପଣ୍ଡା, ପ୍ରଶାନ୍ତ ଦାଶ, ରାଜେଶ୍ୱରୀ ଦାଶ, ପ୍ରତିଭା ମିଶ୍ର, ସୁଷମା ଗୁରୁ ଓ ଦିଲିପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

# ଜିଲା ସ୍ତରୀୟ କବାଡ଼ି ପ୍ରତିଯୋଗିତା: ଅନାମିକା କ୍ଲବ ଚାମ୍ପିୟନ

**ସମ୍ବଲପୁର,୨୯।୧(ବି.ଶଙ୍କର)**

ପ୍ରଗତୀ ସାମାଜିକ ଅନୁଷ୍ଠାନ ଆୟୋଜିତ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ବୁଧବାର ରାତିରେ ଚେରୁଆପଡା ଫାର୍ମରୋଡଠାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଅନାମିକା କ୍ଲବ ଓ ପାଟଣେଶ୍ୱରୀ (କ) ଦଳ ମଧ୍ୟରେ ହୋଇଥିଲା। ଏଥିରେ ଅନାମିକା କ୍ଲବ ଚାମ୍ପିୟନ ହୋଇଛି। ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା ମୁଖ୍ୟ ଅତିଥି, ଅଶ୍ୱିନୀ ସ୍ୱାଇଁ, ଭାଜପା ନେତା ସୁଧିର ରଞ୍ଜନ ବହିଦାର, ନଳିନୀ ଦୋରା, ପ୍ରବୀଣ ସିଂଦେଓ ଏବଂ ଶିବ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ମନୋଜ ଶର୍ମା, ସମ୍ପାଦକ ନବକିଶୋର ବାଗ, ରାଜେନ୍ଦ୍ର ସାହୁ, ଏକାମ ରଞ୍ଜନ ପତି, ବ୍ରହ୍ମାନନ୍ଦ ରାଉତ, ଭକ୍ତ ବାଗ, ସତ୍ୟମ ପରୁଆ, କୌଶିକ ସେଠ୍, ଭକ୍ତବନ୍ଧୁ ମହନ୍ତ, ନରେନ ମିଶ୍ର, ଦିବାକର କର ବଗର୍ତ୍ତୀ ଓ ବିନୋଦ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଏହା ୩ଦିନ ଧରି ଚାଲିଥିଲା। ସେହିପରି ଛୋଟ ଛୋଟ ପିଲା ପିଲାଙ୍କୁ ଉତ୍ସାହିତ କରିବା ପାଇଁ ଚିତ୍ରାଙ୍କନ, ବକ୍ତୃତା, ମ୍ୟୁଜିକାଲ ଚେୟାର ଓ ଦୌଡି ଡିଆଁ ଖେଳ ଅନୁଷ୍ଠିତ ହୋଇଥିଲା।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଜମନକିରା,୨୯।୧(ରବୀନ୍ଦ୍ର ପ୍ରସାଦ ଦାନୀ)**

ଜମନକିରା ବ୍ଲକ ଷଣ୍ଢପଥର ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋର୍ତିମୟୀ ଜ୍ୟୋସ୍ନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥିଭାବେ ଜମନକିରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଉପସ୍ଥିତ ହୋଇ ମଶାଲ ଜାଳି କ୍ରୀଡା ଉତ୍ସବକୁ ଉଦଘାଟିତ କରିଥିଲେ। ଉଦଘାଟନୀ ଖେଳ କାର୍ଯ୍ୟକ୍ରମ ମଞ୍ଚକୁ ସହକାରୀ ଅଧ୍ୟାପିକା ସମଲେଶରୀ ତନ୍ତୀ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁନୀତା ବେହେରା ସହଯୋଗ କରିଥିଲେ। ସମ୍ମାନିତ ଅତିଥିଭାବେ ବଡରମା ସମିତି ସଭ୍ୟ ଅଶୋକ କୁମାର ବାଘ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୧୦୦ ମିଟର ଦୌଡରେ ଜ୍ୟୋତି ପ୍ରକାଶ କିଷାନ, ୮୦୦ ମିଟର ଦୌଡରେ ପୂର୍ଣ୍ଣମୀ ମୁଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଡିସକସ ଥ୍ରୋରେ ଅମିତ କୁମାର ବାଘ, ଲମ୍ବା ଦୌଡରେ ନମିତା ନାଏକ, ଉଚ୍ଚ ଡିଆଁରେ ଗୀତାଞ୍ଜଳି ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଘାଟନୀ ଶେଷରେ ଷଣ୍ଢପଥର ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ଜଗତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ଦାଶ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପିକା ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବରିଷ୍ଠ ଅଧ୍ୟାପିକା ଉପମା ନାଏକ, ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିବା ବେଳେ ପିଇଟି ନାରାୟଣ ପଧାନ, ଶିବ ବେହେରା ଏବଂ ତପନ କୁମାର ଖୁଣ୍ଟିଆ ଖେଳକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ସବୁବେଳେ ଜିଜ୍ଞାସା ମନୋଭାବ ରହୁ

**ନାକଟିଦେଉଳ,୨୯।୧(ବୈକୁଣ୍ଠନାଥ ସାହୁ)**

ଛାତ୍ରୀଛାତ୍ରମାନେ ସେମାନଙ୍କ ମନ ଭିତରେ ସର୍ବଦା ଜିଜ୍ଞାସା ମନୋଭାବ ରଖନ୍ତୁ। ଏହି ମନୋବୃତ୍ତି ସେମାନେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବଳବତ୍ତର ରଖନ୍ତୁ। ମନ ଭିତରେ ଜିଜ୍ଞାସା ମନୋଭାବ ନ ରହିଲେ ଆମେ କବେ ହେଲେ ଆଗକୁ ଯାଇ ପାରିବା ନାହିଁ । ତେଣୁ ଛାତ୍ରୀଛାତ୍ର ମାନେ ଏ ଦିଗରେ ଯତ୍ନବାନ ହେବାକୁ ଗୁରୁବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ସମାରୋହରେ ଯୋଗଦେଇ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ମୁଖ୍ୟ ବକ୍ତା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. ରାଜେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ଅବସରପ୍ରାପ୍ତ ସେନା ଅଧିକାରୀ ଗୋବର୍ଦ୍ଧନ ସାହୁ, ସରାପାଲି କ୍ଲଷ୍ଟରର ସିଆରସିସି ସୁନୀଲ ଏକ୍କା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅପର ପକ୍ଷରେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ଚାମ୍ପିୟନ ହୋଇଥିବା ବରିଷ୍ଠ ବାଳକ ବର୍ଗରେ ୧୦ମ ଶ୍ରେଣୀ ଛାତ୍ର ଚେତନ ଚନ୍ଦନ, ବାଳିକା ବର୍ଗରେ ୯ମ ଶ୍ରେଣୀ ଛାତ୍ରୀ ଯମୁନା କର୍ମୀ, କନିଷ୍ଠ ବାଳକ ବର୍ଗରେ ୮ମ ଶ୍ରେଣୀ ଛାତ୍ର ସୁବ୍ରତ କୁମାର ପ୍ରଧାନ, ବାଳିକା ବର୍ଗରେ ୮ମ ଶ୍ରେଣୀ ଛାତ୍ରୀ ଅଲିନା ନାଏକ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବରିଷ୍ଠ ବାଳିକା ବର୍ଗରେ ୯ମ ଶ୍ରେଣୀ ଛାତ୍ରୀ କଳ୍ପନା ସାହୁ, କନିଷ୍ଠ ବର୍ଗରେ ୮ମ ଶ୍ରେଣୀ ଛାତ୍ରୀ ମିନାକ୍ଷୀ ଜାଲଙ୍କୁ ସ୍ୱତନ୍ତ୍ର ଭାବେ ପରସ୍କୃତ କରାଯାଇଥିଲା। ଏଥିସହିତ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ବରିଷ୍ଠ ବର୍ଗରେ ୧୦ମ ଶ୍ରେଣୀ ଛାତ୍ରୀ ଶ୍ରୀୟା ବେହେରା, କନିଷ୍ଠ ବର୍ଗରେ ୮ମ ଶ୍ରେଣୀ ଛାତ୍ର ସିଦ୍ଧାନ୍ତ ପ୍ରଧାନ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ସ୍ୱର୍ଣ୍ଣପ୍ରିୟା ଗଡ଼ତ୍ୟାଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ଅତିଥିମାନେ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରୀତିକା ଭୋଇ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ କୁସୁମ ମଞ୍ଜରୀ ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟାଳୟ ସହାୟକ ଦିବ୍ୟକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ଶିକ୍ଷକ ରାମକ୍ରିଷ୍ଣ ସେଠୀ, ସୁରେଶ ବର୍ଗେ, ଲଲାଟେନ୍ଦୁ ବିଦ୍ୟାଧର ସାହୁ, ତପନ କୁମାର ସାହୁ, କ୍ରୀଡା ଶିକ୍ଷକ ରଞ୍ଜନ ସ୍ୱାଇଁ, ନୀଳ ଦିଗନ୍ତ ନାଏକ, ଶିକ୍ଷୟିତ୍ରୀ ଲିପିକା ମହାରଣା, ସୌଦାମିନୀ ଭୋଇ, ରମ୍ଭା ସ୍ୱାଇଁ, ଭାରତୀ ପ୍ରଧାନ, ସୁଜାତା ସାହୁ, ରୀନାରାଣୀ ଧଳଙ୍କ ସମେତ ସମସ୍ତ ଅଣ ଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

**ସରାପାଲି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ, କେଜିବିବିର ବାର୍ଷିକ ଉତ୍ସବ**

## କମ୍ପାନୀରେ କର୍ମଚାରୀଙ୍କ ମୃତ୍ୟୁ

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ବଡ଼ମାଲ ଅଞ୍ଚଳରେ ଥିବା ଏକ କମ୍ପାନୀରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରଗଡ଼ ଜିଲାର ସୁଶୀଲ ବୁଢ଼ (୪୮)। ବୁଧବାର ରାତି ପ୍ରାୟ ୮ଟା ୨୦ ମିନିଟ୍‌ରେ ସେ ଉକ୍ତ କମ୍ପାନୀ ଭିତରକୁ ଯାଇ କାର୍ଯ୍ୟ କରିବା ପାଇଁ ୟୁନିଫର୍ମ ଚେଞ୍ଜ୍ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। କର୍ମଚାରୀମାନେ ତାଙ୍କୁ ପ୍ରଥମେ ପ୍ଲାଣ୍ଟର ଡିସ୍ପେନ୍ସରୀ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ସେବା, ସମର୍ପଣ ପାଇଁ ନବ ଦାସ ଅମର ରହିବେ: ମନ୍ତ୍ରୀ ପୂଜାରୀ

**ଝାରସୁଗୁଡ଼ା,୨୯।୧(ଆଶିଷ ରଞ୍ଜନ ଦାଶ)**



କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିଙ୍କୁ ନବ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

### ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ

ଝାରସୁଗୁଡ଼ା ସହରସ୍ଥିତ ନବ ଦାସ ଅଡିଟୋରିୟମରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ, ଝାରସୁଗୁଡ଼ାର ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ, ନବ ଦାସ ପରିଶ୍ରମୀ ରାଜନେତା ଥିଲେ। ସେ ରାଜନୈତିକ ଜୀବନରେ ସଫଳତା ପାଇବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ। ତାଙ୍କ ଭଳି ନେତା ଦୁନିଆରେ କମ୍ ଦେଖିବାକୁ ମିଳନ୍ତି। ସମର୍ପଣ ମନୋଭାବ ଓ ସେବା ପାଇଁ ନବ ଦାସ ଝାରସୁଗୁଡ଼ାବାସୀଙ୍କ ହୃଦୟରେ ଚିର ଅମର ହୋଇ ରହିବେ ବୋଲି ପୂଜାରୀ କହିଥିଲେ। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଭାବରେ ଯୋଗଦେଇଥିବା ରାଜ୍ୟ ଛାତ୍ର ବିଜେଡି ସଭାପତି ଈପ୍‌ସିତା ସାହୁ ନବୀନ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପଢ଼ିବା ସହିତ ନବ ଦାସଙ୍କ ଅଧୁରା ରହିଥିବା ସାମାଜିକ କାର୍ଯ୍ୟକ୍ରମକୁ ତାଙ୍କ ପୁଅ ବିଶାଳ ଦାସ ଏବଂ ଝିଅ ଦୀପାଳି ଦାସ ଆଗେଇ ନେଉଥିବା କହିଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦେଇ ନବ ଦାସ ପଶ୍ଚିମ ଓଡ଼ିଶାର ଜଣେ ଅଦ୍ୱିତୀୟ ରାଜନେତା ଥିଲେ ବୋଲି କହିଥିଲେ। ନବ ଦାସଙ୍କ ପୁଅ ବିଶାଳ ଦାସ କହିଥିଲେ, ନବ ଦାସଙ୍କ ପରିବାର କହିଲେ ଝାରସୁଗୁଡ଼ାବାସୀଙ୍କୁ ବୁଝାଏ। ସେହିପରି ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ କହିଥିଲେ, ମୁଁ ଏବଂ ମୋର ଭାଇ ବଞ୍ଚିଥିବା ପର୍ଯ୍ୟନ୍ତ ଝାରସୁଗୁଡ଼ାବାସୀଙ୍କ ଦୁଃଖସୁଖର ସାଥୀ ହୋଇ ରହିବୁ। ଏଥିରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବ ଦାସଙ୍କ ବାପା, ସ୍ତ୍ରୀ ମିନତି ଦାସ, ବୋହୂ ଚାରବି ଦାସଙ୍କ ସମେତ କିଶୋର ନାଇକ, ଦେବେଶ ଆଚାର୍ଯ୍ୟ, ସିଦ୍ଧାର୍ଥ ଦାସ, ବେଦାନ୍ତ କମ୍ପାନୀ ସିଇଓ ସି. ଚନ୍ଦୁ, ପୂର୍ବତନ ସିଇଓ ସୁନୀଲ ଗୁପ୍ତା, ଜିଲା ବିଜେଡି ସଭାପତି ହରିଶ ଗଣତ୍ରା, ବିଶ୍ୱନାଥ ତ୍ରିପାଠୀ, ଦାମୋଦର ନାଥ, ବିଜେଡି ଜିଲା ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ଜିଲା ବିଜେଡି ଯୁବ ସଭାପତି ରବୀନ ପାଣ୍ଡେ, ଜିଲା ବିଜେଡି ଛାତ୍ର ସଭାପତି ଶୁଭାଶିଷ ପଟ୍ଟନାୟକ, ବାସୁଦେବ ଭଇଂସା, ଭୋଜରାଜ ପଟେଲ, ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ, ବ୍ରଜରାଜନଗର ପୌରାଧ୍ୟକ୍ଷ କୃଷ୍ଣ ଗୋପାଳ ସିତାନୀ ଯୋଗଦେଇଥିଲେ। ଏଥିସହ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଜିଲାର ବହୁ ରାଜନେତା ଏବଂ ସ୍ୱର୍ଗତ ନବ ଦାସଙ୍କ ଅନୁଗତ ଉପସ୍ଥିତ ଥିଲେ।

ଏହି ଅବସରରେ ନିଶା ନିବାରଣ ପାଇଁ ବିଶ୍ୱରେ ସଚେତନତା ସୃଷ୍ଟି କରିଥିବା ଦୁର୍ଲଗାଁର ଅଭିରାମ ଶତପଥୀ, ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଝାରସୁଗୁଡ଼ା ଜିଲା ନାଚେନପୁରାର ଜୟଶ୍ରୀ ଦେହେରିଆ, ଦ୍ୱାନମୁଣ୍ଡାର ଅନୁପମା ଗର୍ଡିଆ, ଝୁସୁବୁ ଜୟପୁରିଆ, ଆଇଏଏସ୍ ପାଇଥିବା ଡ. ରୀନା ପ୍ରଧାନ, ତୀର୍ଥବାସୀ ପଟେଲଙ୍କ ବିକାଶ ହସ୍ପିଟାଲ, ସଞ୍ଜୀବନୀ ହସ୍ପିଟାଲ, ଦିବ୍ୟଦୃଷ୍ଟି ସଙ୍ଗଠନକୁ ନବ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାଇକେଲ, ସାଉଣ୍ଡ ସିଷ୍ଟମ ପ୍ରଦାନ କରାଯିବା ସହ ନବ ଦାସଙ୍କ ଚିତ୍ର ଆଙ୍କିଥିବା ୩ ଜଣ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଏଥିସହ ନବ ଦାସ ଫାଉଣ୍ଡେଶନ ପକ୍ଷରୁ ପୂର୍ବରୁ ଜିଲାର ଅନେକ ସ୍ଥାନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନବ ଦାସ ଫାଉଣ୍ଡେଶନ ତରଫରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ଶ୍ରାଦ୍ଧବାର୍ଷିକୀ ଅବସରରେ ସକାଳେ ସରବାହାଲଠାରୁ ଏସ୍‌ପି ଅଫିସ୍‌ଠାରେ ଥିବା ନବ ଦାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ନବ ଦାସ ଫାଉଣ୍ଡେଶନର ସଦସ୍ୟ, ଜିଲାର ବିଭିନ୍ନ ସଙ୍ଗଠନ ତଥା ଜିଲା ବାହାରୁ ଆସିଥିବା ନବ ଦାସଙ୍କ ଅନୁଗତମାନେ ଯୋଗଦେଇ ନବ ଦାସ ଅମର ରହେ ବୋଲି ନାରା ଦେଇଥିଲେ। ଏହି ଶୋଭାଯାତ୍ରାରେ ନବ ଦାସଙ୍କ ପୁଅ ବିଶାଳ ଦାସ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପଶ୍ଚିମ ଓଡ଼ିଶାର ବିଶିଷ୍ଟ ବିଜେଡି ନେତା ସଞ୍ଜିତ ମହାନ୍ତି ସାମିଲ ଥିଲେ। ଏସ୍‌ପି ଅଫିସ ନିକଟରେ ଥିବା ନବ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ପୁଣି ବାଇକ୍ ଶୋଭାଯାତ୍ରା ନବ ଦାସ ଅଡିଟୋରିୟମଠାରେ ପହଞ୍ଚିବା ପରେ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

# ମେଗା ପ୍ରକଳ୍ପ ପାଇଁ ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର ଗୁରୁବାର ସମ୍ବଲପୁର କେଶାପାଲିଠାରେ ହେବାକୁ ଥିବା ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**ସମ୍ବଲପୁର,୨୯।୧(ବି.ଶଙ୍କର)**

ମେଗା ପ୍ରକଳ୍ପ ହେବା ଦ୍ୱାରା ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ଅର୍ନ୍ତଗତ କେଶାପାଲି ଓ ଆଖପାଖ ପଞ୍ଚାୟତର ଚାଷୀମାନେ ଉପକୃତ ହେବେ। ସେମାନଙ୍କ ସହସ୍ରାଧିକ ହେକ୍ଟର ଜମି ଚାଷଯୋଗ୍ୟ ହୋଇପାରିବ। ଏଥିସହ ଅଞ୍ଚଳର ଜନସାଧାରଣ ପାନୀୟ ଜଳ ପାଇପାରିବେ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର ଗୁରୁବାର ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହିତ ବନ ବିଭାଗ ଓ ଉଠା ଜଳ ସେଚନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ମହାନଦୀରୁ ପାଣି ଆସି ଏହି ଅଞ୍ଚଳରେ ଚାଷରେ କିଭଳି ବ୍ୟବହାର ହୋଇପାରିବ ସେନେଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରକଳ୍ପ ନେଇ ପୂର୍ବରୁ ଅନେକ ଥର ଭାଜପା ନେତା ଦେବେନ୍ଦ୍ର ମହାପାତ୍ର ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଦାବି କରିଥିଲେ। ଗତ ସେପ୍ଟେମ୍ବର ୧୬ ତାରିଖ ସାମାଜିକ କର୍ମୀ ଦୀପକ ବିଶ୍ୱାଳ ପୁଣି ଥରେ ଲିଖିତ ଦାବି କରିଥିଲେ। ସେ ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଖୁବ ଶୀଘ୍ର ପ୍ରକଳ୍ପ ଆରମ୍ଭ ହେବ ବୋଲି ଅଞ୍ଚଳବାସୀ ଆଶା ରଖୁଛନ୍ତି। ବହୁ ବର୍ଷର ଦାବି ପୂରଣ ହେବ ବୋଲି ଏ ନେଇ ଗୁରୁବାର ସ୍ଥାନୀୟ ନେତା ଦେବେନ୍ଦ୍ର ମହାପାତ୍ର ଓ ସାମାଜିକ କର୍ମୀ ଦୀପକ ବିଶ୍ୱାଳ କହିଛନ୍ତି। ଏହି ସମୟରେ ବିଡିଓ ରାଜେଶ ଏକ୍କା ମଧ୍ୟ ଉପସ୍ଥିତ ଥିଲେ।

# କୃଷ୍ଣ ଜନ୍ମ,ନନ୍ଦୋତ୍ସବ ସହ କଂସଙ୍କ ଦିଗ୍‌ବିଜୟ

**କୁଚିଣ୍ଡା,୨୯।୧(ବିରଞ୍ଚି ଦର୍ଶୀ)**



ମହାରାଜ କଂସଙ୍କ ସହ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟମାନେ।

### ଖଣ୍ଡୋକଟା ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

ସମ୍ବଲପୁର ଜିଲା କୁଚିଣ୍ଡା ଖଣ୍ଡୋକଟାର ୩୫ତମ ଧନୁଯାତ୍ରା ମହୋତ୍ସବରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ କଳାକାରଙ୍କ ନାଟ୍ୟ ଅଭିନୟ ଦର୍ଶକଙ୍କ ବେଶ୍ ମନଛୁଆଁ ହୋଇଥିଲା। ବୁଧବାର ସନ୍ଧ୍ୟାରେ ଦେବକୀ ବସୁଦେବଙ୍କ ବିବାହ, ଯୁବରାଜ କଂସଙ୍କ ସିଂହାସନ ଆରୋହଣ, ଶୂନ୍ୟବାଣୀ, ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ ଆଦି ଅଭିନୟ ହୋଇଥିଲା। ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଗୋପପୁରରେ କୃଷ୍ଣ ଜନ୍ମ, ନନ୍ଦୋତ୍ସବ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ମଥୁରା ନଗରୀରେ କଂସଙ୍କ ଦିଗବିଜୟ ସହ ରଙ୍ଗସଭାରେ ଆଦି ଅତି ଚମତ୍କାର ଅଭିନୟ ପରିବେଷିତ ହୋଇଥିଲା। ପରେ କୁଚିଣ୍ଡା କଳା ପରିଷଦ, ଝାରସୁଗୁଡ଼ା କଳାକାରଙ୍କ ସମେତ ବିଭିନ୍ନ ଲୋକ ଗୀତ ଉପରେ ଆଧାରିତ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାସ ଅତିଥିଭାବେ ଯୋଗଦେଇଥିଲେ। ବରଗଡ଼ ପରେ ଖଣ୍ଡୋକଟା ହେଉଛି ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ଲୋକପ୍ରିୟ ଧନୁଯାତ୍ରା ବୋଲି ଅତିଥିମାନେ କହିଥିଲେ। ଏଥିସହ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ପୁରାଣ ବର୍ଣ୍ଣିତ କଥାବସ୍ତୁ ଏବେବି ଉଜ୍ଜୀବିତ ଅଛି। ଏହା ଲୋକଙ୍କ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ହୋଇଥିଲେ ବି ଅଞ୍ଚଳର କଳା ସଂସ୍କୃତି ଓ ଐତିହ୍ୟକୁ ଜୀବନ୍ତ ରୂପ ଦେବା ଏକ ନିଚ୍ଛକ ନିଦର୍ଶନ ବୋଲି ଅତିଥିମାନେ କହିଥିଲେ। ଧନୁଯାତ୍ରା ମହୋତ୍ସବରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳା, ମୀନା ବଜାର ସହ ଦୋକାନ ବଜାର ପାଇଁ ଦର୍ଶକଙ୍କ ଭିଡ ଜମୁଛି। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ କୁଚିଣ୍ଡା ଏସଡିପିଓ ଦାସଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଧନୁଯାତ୍ରା ମହୋତ୍ସବର ମୁଖ୍ୟ ଉପଦେଷ୍ଟା ମନ୍ତ୍ରୀ ରବିନାରାୟଣ ନାଏକ, ଉପଦେଷ୍ଟା ଡିଲେଶ୍ୱର ସାହୁ, ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷେଠ ଓ ସନ୍ତୋଷ ପଟେଲ, ସାଧାରଣ ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ମନୋଜ ପୃଷେଠ ଓ ବିକାଶ ଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକ ଏବଂ ସହ କୋଷାଧ୍ୟକ୍ଷ ବୀରେନ୍ଦ୍ର ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ରୀଡାବିତ୍ ଏବଂ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଶିଷ୍ଟ ଚିକିତ୍ସକଙ୍କ ପରଲୋକ

**ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)**

ସମ୍ବଲପୁର ସହରର ବିଶିଷ୍ଟ ଚିକିତ୍ସକ ତଥା କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡା. ଜୟନାରାୟଣ ନନ୍ଦଙ୍କ ପରଲୋକ ଘଟିଛି। ଗୁରୁବାର ଭୋର ପ୍ରାୟ ସାଢ଼େ ୩ଟାରେ ମୁଦିପଡ଼ାସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ସହରର ଅନେକ ବିଶିଷ୍ଟ ବ୍ୟକ୍ତି, ଚିକିତ୍ସକ ତାଙ୍କର ମୁଦିପଡାସ୍ଥିତ ବାସଭବନ ସୁଚିତ୍ରା ନିବାସରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଡା. ନନ୍ଦ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟ କରି ଜଣେ ଦକ୍ଷ ଚିକିତ୍ସକ ଭାବେ ବେଶ ଲୋକପ୍ରିୟତା ହାସଲ କରି ପାରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଚିକିତ୍ସକ ଭାବେ କେବଳ ସୁନାମ ଅର୍ଜନ କରିଥିଲେ ତାହା ନୁହେଁ , ସାହିତ୍ୟ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ତାଙ୍କ ଅସାଧାରଣ ଜ୍ଞାନ ରହିଥିଲା। ସେ ତାଙ୍କ ଜୀବନକାଳରେ ରଚନା କରିଥିବା କେତେକ କବିତା ସଙ୍କଳନ ପ୍ରକାଶିତ ମଧ୍ୟ ହୋଇଛି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ ସମ୍ପର୍ଣ୍ଣ ହୋଇଥିଲା। ପୁତ୍ର ଆବିନାଶ ନନ୍ଦ ତାଙ୍କୁ ମୁଖାଗ୍ନି ଦେଇଥିଲେ।

# ବାବା ଭବାନୀଶଙ୍କର ମନ୍ଦିରର ରତ୍ନମୁଦ ଉତ୍ସବ

**ସମ୍ବଲପୁର,୨୯।୧ (ଭବାନୀ ଶଙ୍କର ଭୋଇ)**

ବରେଇ ପାଲି ଶିଳ୍ପାଞ୍ଚଳ ସ୍ଥିତ ବାବା ଭବାନୀ ଶଙ୍କର ମନ୍ଦିରର ରତ୍ନମୁଦ ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱର ମହାପାତ୍ର ମୁଖ୍ୟ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଶାହ ଯୋଗ ଦେଇଥିବା ବେଳେ ବିଶ୍ୱନାଥ ଦୋରା ଧର୍ମପତ୍ନୀ ଦୀପ୍ତିମୟୀ ଦୋରା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ଦଧିନଉତି କାର୍ଯ୍ୟ ଗୋବିନ୍ଦ ମହାରଣାଙ୍କ ଦ୍ୱାରା କରାଯାଇଛି।

Estd.- 1979
☎ 7682032632
THE KOSALA SCHOOL
An English Medium Residential Public School
(CBSE Affiliation No. 1530008)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6371537828 / 6371532877 / 6370708544 / 9777706828
KOSALA ENTRANCE TEST 2026-2027
* Admissions open for classes UKG to Std- IX & XI for **Boarders**.
Few seats are available from Balvatika-1 to Std-IX & XI for **Day Scholars**.
* Interested candidates are to appear Entrance Test in English, Mathematics, and General Knowledge.
Entrance Test for **Boarders** :- **22.02.2026**
Entrance Test for **Day Scholars** :- **01.03.2026**
* Candidates qualified in Entrance Test will get admission strictly on merit basis.
* Enquiry time over phone - 09.00am to 1.00 P.M. on all working days.
* Entrance test timings - 10.30 A.M. to 12.30 P.M., Reporting Time- 09.00 A.M.
* Selling of Admission Forms will start from 23rd January 2026 onwards.
Sd./- (Principal)

# ପ୍ରଫେସର ଜୈସ୍ୱାଲଙ୍କୁ ନାଗରିକ ସମ୍ବର୍ଦ୍ଧନା

**ସମ୍ବଲପୁର,୨୯।୧(ଭବାନୀ ଶଙ୍କର ଭୋଇ)**

### ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ସମ୍ବର୍ଦ୍ଧନା ସଭା

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ଗୁରୁବାର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୈସ୍ୱାଲଙ୍କୁ ନାଗରୀକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆଇଆଇଏମ ସମ୍ବଲପୁରକୁ ଦେଶର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଗଢି ତୋଳିବାରେ ନେତୃତ୍ୱ ନେଇଥିବା ଏହାର ନିର୍ଦ୍ଦେଶକ ପ୍ରଫେସର ଜୈସୱାଲଙ୍କ ପ୍ରସଂଶା କରାଯାଇଥିଲା। ଏକଦା ସମ୍ବଲପୁରରେ ଆଇଆଇଏମ ସ୍ଥାପନକୁ ବିରୋଧ କରୁଥିବା ଲୋକଙ୍କ ପାଇଁ ପ୍ରଫେସର ଜୈସୱାଲ ଏକ ଉତ୍ତର ବୋଲି ବକ୍ତା ମାନେ କହିଥିଲେ । ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କୁ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଫେସର ଜୈସୱାଲଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିଅବସରରେ ସମ୍ବଲପୁର ସହରର ପ୍ରମୁଖ ଅନଷ୍ଠାନ ଜିଲା ଓକିଲ ସଂଘ, ପ୍ରୋଗ୍ରେସିବ ସମ୍ବଲପୁର, ଲିମସରିଏନ ଯୁବ ସଚେତନ ସଂଘ, ମା' ସମଲେଶ୍ୱରୀ ଟ୍ରଷ୍ଟ, ପ୍ରେସ କ୍ଲବ ତରଫରୁ ପ୍ରଫେସର ଜୈସୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଦୀପ ବହିଦାର,ସପନ ମିଶ୍ର, ଲିମସରେନ ଟିମ, ସଞ୍ଜୟ ବାବୁ, ପଫୁଲ ହୋତା, ତ୍ରିବିକ୍ରମ ପ୍ରଧାନ,ଡାକ୍ତର ଜୟଦେବ ମେହେର ପ୍ରମୁଖ ନିଜ ଅନୁଷ୍ଠାନ ତରଫରୁ ପ୍ରଫେସର ଜୈସୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହର ବାହାରୁ ଅଭାସି ମାଧ୍ୟମରେ ଦିଲ୍ଲୀରୁ ପ୍ରଫେସର ଗର୍ଗ, ଭୁବନେଶ୍ୱରରୁ ପ୍ରାକ୍ତନ ଆର.ଡି.ସି ନିରଞ୍ଜନ ସାହୁ, ନାଗପୁରରୁ ପ୍ରଫେସର ରବିନ୍ଦ୍ର ଜେନା ପ୍ରମୁଖ ପ୍ରଫେସର ଜୈସୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଆଇଆଇଏମର ମୁଖ୍ୟ କର୍ଯ୍ୟନିର୍ବାହୀ ଅମୃତ ମହାନ୍ତି, ପ୍ରଫେସର ଶଙ୍କର ପତି ,ରଘୁନାଥ ମିଶ୍ର ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୃଥ୍ୱୀରାଜ ମିଶ୍ର, ବିଜୟ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୈସ୍ୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପୁସ୍ତକର ପ୍ରଭାବ ସଭ୍ୟତାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥାଏ

**ସମ୍ବଲପୁର,୨୯।୧(ବି.ଶଙ୍କର)**



ଏନବିଟି ଇଣ୍ଡିଆ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

### ସମ୍ବଲପୁର ପୁସ୍ତକ ମେଳାର ଷଷ୍ଠ ଦିବସ

ଏନବିଟି ଇଣ୍ଡିଆ ପକ୍ଷରୁ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ଗୁରୁବାର ଷଷ୍ଠ ଦିବସରେ ଲେଖକଙ୍କ ସହ ସାକ୍ଷାତକାର, ସାଂସ୍କୃତିକ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେତୁ ପ୍ରଯୋଜିତ ସମ୍ବଲପୁର ଅଇଁଠାପାଲି ପିଏଚଡି ପଡ଼ିଆ ପରିସରସ୍ଥ ମଞ୍ଚରେ ସଭାପତି ଡ. ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଲେଖକଙ୍କ ସାକ୍ଷାତକାର କାର୍ଯ୍ୟକ୍ରମ ହୋଇଥିଲା। ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଧନେଶ୍ୱର ସାହୁଙ୍କୁ ସାକ୍ଷାତ କରିଥିଲେ ପ୍ରଫେସର ଅଖିଳ ବିଶ୍ୱାଳ। ପ୍ରଫେସର ସାହୁ ମାନବିକତା, ଜିଜ୍ଞାସା ଓ ହେତୁବୋଧ ଉପରେ ବିଶଦ ଯୁକ୍ତି ବାଢ଼ିଥିଲେ। ଭାରତୀୟ ବିଚାର ଓ ଦର୍ଶନକୁ ଭିନ୍ନ ଭିନ୍ନ ବୋଲି ମତପୋଷଣ କରିଥିଲେ। ହେତୁବୋଧକୁ ମାନବିକ ଆବେଦନ ସହ ଏକ ବୋଲି ମତ ରଖିଥିଲେ। ସେ କହିଥିଲେ ଯେ, ସାହିତ୍ୟ ଏକ ସୃଜନାତ୍ମକ କ୍ରିୟା। ସାହିତ୍ୟର ଗଦ୍ୟ ଓ ପଦ୍ୟ ସାହିତ୍ୟ ଆଦି ବିଭିନ୍ନ ବର୍ଗ ରହିଛି । ଆମେ ଯେଉଁ ମାନବୀୟ ସମସ୍ୟା କିମ୍ବା ମାନବୀୟ ଦ୍ୱନ୍ଦ୍ୱ ଆଣୁଛେ, ତାହା ହେଉଛି ସୃଜନାତ୍ମକ ସାହିତ୍ୟ। କିନ୍ତୁ ଆମେ ଯେତେବେଳେ ପ୍ରବନ୍ଧକୁ ଆସୁଛେ ତାହା ହେଉଛି ବୌଦ୍ଧିକ ସୃଜନ। ପ୍ରବନ୍ଧ ଲେଖିବା ସମୟରେ ପ୍ରାବନ୍ଧିକ ବିଚାରଧାରାକୁ କିପରି ବିଶ୍ଳେଷଣ କରୁଛନ୍ତି ଏବଂ ତର୍କ କିପରି ଦେଉଛନ୍ତି ତାହା ଦେଖାଯାଏ। ପ୍ରବନ୍ଧ ଯୁକ୍ତି ସଙ୍ଗତ ଏଥିରେ ଅନୁଶୀଳନ, ସମାଲୋଚନାତ୍ମକ ଚିନ୍ତା, ବିଶ୍ଳେଷଣ, ଗୁଢ଼ତତ୍ତ୍ୱ ଥାଏ। କିନ୍ତୁ ଆବେଗ ନ ଥାଏ ଗୋଟିଏ ପୁସ୍ତକର ପ୍ରଭାବ ସଭ୍ୟତାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥାଏ। ଡିସେଣ୍ଟ ଅଫ ମ୍ୟାନ, ଅରିଜିନ୍ ଅଫ୍ ସ୍ପେଶିସ, ଦାସ କ୍ୟାପିଟାଲ, ଅଙ୍କଲ ଟମ୍ସ କେବିନ୍, ସାଇଲେଣ୍ଟ ସ୍ପ୍ରିଙ୍ଗ୍ ପ୍ରଭୃତି ପୁସ୍ତକ ସହ ଓଡ଼ିଆ ସାହିତ୍ୟର ରେବତୀ ଓ ଛମାଣ ଆଠଗୁଣ୍ଠ ବିଷୟରେ ପ୍ରଫେସର ସାହୁ ମତବ୍ୟକ୍ତ କରିଥିଲେ। ଶେଷରେ ସେ ସମାଜ ପରିବର୍ତ୍ତନ କ୍ଷେତ୍ରରେ ସାହିତ୍ୟର ବହୁ ପ୍ରଭାବ ରହିଛି ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲାର ଜିଲାପାଳ ଡ. ନୃପରାଜ ସାହୁ ସାରସ୍ୱତ ଅଧିବେଶନରେ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ସେତୁ ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରସିଦ୍ଧ ଗାୟକ ଶାଶ୍ୱତ ତ୍ରିପାଠୀ ଓ ତାଙ୍କ ଦଳ ସମ୍ବଲପୁରୀ ଓ ଅନ୍ୟାନ୍ୟ ଗୀତକୁ ପରିବେଷଣ କରି ଶ୍ରୋତାଙ୍କ ମନୋରଞ୍ଜନ କରିଥିଲେ। ସମ୍ବଲପୁର ପୁସ୍ତକମେଳାରେ ନ୍ୟାସନାଲ ବୁକ ଟ୍ରଷ୍ଟ, ଇଣ୍ଡିଆ (ଏନବିଟି)ର ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ର (ଏନସିସିଏଲ) ପକ୍ଷରୁ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଶିଶୁ ମଣ୍ଡପରେ ଫିଲ ଦ ଏଣ୍ଟାୟାର ୱାର୍ଲଡ ୱିଥ କଲର, ରିଡ୍ ବିଅଣ୍ଡ ଦ ଷ୍ଟାର୍ସ , ଗୋଣ୍ଡ ଚିତ୍ରକଳା, ରାଷ୍ଟ୍ରୀୟ ଇ- ପୁସ୍ତକାଳୟ, ରଙ୍ଗ ଦୋ ଦୁନିଆ ସାରି ପ୍ରଭୃତି ୬ଟି କର୍ଣ୍ଣର ରହିଥିଲା। ଏଥିସହ ଖୋଲା ମଞ୍ଚ ପିଲାମାନଙ୍କ ପାଇଁ ଏକ ପ୍ଲାଟଫର୍ମ ସାଜିଛି। ଏଠାରେ କାହାଣୀ କଥନ ଅଧିବେଶନ, ସଙ୍ଗୀତ, କୁଇଜ, ଚିତ୍ରାଙ୍କନ ଏବଂ ସ୍ଲୋଗାନ ଲେଖା ପ୍ରତିଯୋଗିତା, ପୋଷ୍ଟର ଡିଜାଇନ କର୍ମଶାଳା ସହ ଯୋଗ, ବିଜ୍ଞାନ ସହିତ ମଜା, ପଞ୍ଚଚିତ୍ର କଳା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଅଭିଜ୍ଞ ବ୍ୟକ୍ତି ବିଶେଷଙ୍କ ସହ ଏନସିସିଏଲ ପ୍ରଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କଥା ପ୍ରଶିକ୍ଷଣ ଦେଉଛନ୍ତି । ଏହିକ୍ରମରେ ପୁସ୍ତକମେଳାର ଷଷ୍ଠ ଦିବସରେ ପ୍ରଥମ କାର୍ଯ୍ୟକ୍ରମ ଥିଲା ପ୍ରାଚୀତାରା ମିଶ୍ରଙ୍କ କାହାଣୀ କଥନ। ତାଙ୍କ କାହାଣୀ ବଖାଣିବା ଶୈଳୀ ଅନନ୍ୟ ଥିଲା । ଯାହାକି ପିଲାମାନେ ଉପଭୋଗ କରିବା ସହ କାହାଣୀର ଜଣେ ଜଣେ ପାତ୍ର ପାଲଟି ଯାଇଥିଲେ। ଏହାପରେ ଗୌରହରି ବିଶ୍ୱାଳ ଥିଏଟର ୱାର୍କସପ୍ କରିଥିଲେ। ଏଥିରେ ଅଭିନୟର ଶୈଳୀ ଓ ନିଖୁଣତା ବିଷୟରେ ସେ ବର୍ଣ୍ଣନା କରିବା ସହ ଇମ ପ୍ରମଟୋ ଅଭିନୟ ଶିଖାଇଥିଲେ। ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପକ୍ଷରୁ ଶେଷ କାର୍ଯ୍ୟକ୍ରମ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗୁରୁବାର ୧୫ଟି ବିଦ୍ୟାଳୟର ପ୍ରାୟ ୧୨ ଶହ ଛାତ୍ରୀଛାତ୍ର ବିଭିନ୍ନ ଶିଶୁ ଭିତ୍ତିକ କାର୍ଯ୍ୟକଳାପରେ ଯୋଗ ଦେଇଥିଲେ ।

## କମ୍ପାନୀରେ କର୍ମଚାରୀଙ୍କ ମୃତ୍ୟୁ

ଝାରସୁଗୁଡ଼ା, (ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ବଡ଼ମାଲ ଅଞ୍ଚଳରେ ଥିବା ଏକ କମ୍ପାନୀରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସୁନ୍ଦରଗଡ଼ ଜିଲାର ସୁଶୀଲ ବୃଦ୍ଧ (୪୮) । ବୁଧବାର ରାତି ପ୍ରାୟ ୮ଟା ୨୦ ମିନିଟ୍‌ରେ ସେ ଉକ୍ତ କମ୍ପାନୀ ଭିତରକୁ ଯାଇ କାର୍ଯ୍ୟ କରିବା ପାଇଁ ୟୁନିଫର୍ମ ଚେଞ୍ଜ୍ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ନିକଟରେ ଥିବା କର୍ମଚାରୀମାନେ ତାଙ୍କୁ ପ୍ରଥମେ ପ୍ଲାଣ୍ଟର ଡିସ୍‌ପେନ୍‌ସରୀକୁ ନେଇଥିଲେ । ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅପରପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ସେବା, ସମର୍ପଣ ପାଇଁ ନବ ଦାସ ଅମର ରହିବେ: ମନ୍ତ୍ରୀ ପୂଜାରୀ

## ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ

ଝାରସୁଗୁଡ଼ା, ୨୯।୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ନବ ଦାସ ଅଡିଟୋରିୟମରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ, ଝାରସୁଗୁଡ଼ାର ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ, ନବ ଦାସ ପରିଶ୍ରମୀ ରାଜନେତା ଥିଲେ । ସେ ରାଜନୈତିକ ଜୀବନରେ ସଫଳତା ପାଇବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ । ତାଙ୍କ ଭଳି ନେତା ଦୁନିଆରେ କମ୍ ଦେଖିବାକୁ ମିଳନ୍ତି । ସମର୍ପଣ ମନୋଭାବ ଓ ସେବା ପାଇଁ ନବ ଦାସ ଝାରସୁଗୁଡ଼ାବାସୀଙ୍କ ହୃଦୟରେ ଚିର ଅମର ହୋଇ ରହିବେ ବୋଲି ପୂଜାରୀ କହିଥିଲେ । ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଭାବରେ ଯୋଗଦେଇଥିବା ରାଜ୍ୟ ଛାତ୍ର ବିଜେଡି ସଭାପତି ଈପ୍‌ସିତା ସାହୁ ନବୀନ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପଢ଼ିବା ସହିତ ନବ ଦାସଙ୍କ ଅଧୁରା ରହିଥିବା ସାମାଜିକ କାର୍ଯ୍ୟକ୍ରମକୁ ତାଙ୍କ ପୁଅ ବିଶାଳ ଦାସ ଏବଂ ଝିଅ ଦୀପାଳି ଦାସ ଆଗେଇ ନେଉଥିବା କହିଥିଲେ । ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦେଇ ନବ ଦାସ ପଶ୍ଚିମ ଓଡ଼ିଶାର ଜଣେ ଅଦ୍ୱିତୀୟ ରାଜନେତା ଥିଲେ ବୋଲି କହିଥିଲେ । ନବ ଦାସଙ୍କ ପୁଅ ବିଶାଳ ଦାସ କହିଥିଲେ, ନବ ଦାସଙ୍କ ପରିବାର କହିଲେ ଝାରସୁଗୁଡ଼ାବାସୀଙ୍କୁ ବୁଝାଏ । ସେହିପରି ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ କହିଥିଲେ, ମୁଁ ଏବଂ ମୋର ଭାଇ ବଞ୍ଚିଥିବା ପର୍ଯ୍ୟନ୍ତ ଝାରସୁଗୁଡ଼ାବାସୀଙ୍କ ଦୁଃଖସୁଖର ସାଥୀ ହୋଇ ରହିବୁ । ଏଥିରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନବ ଦାସଙ୍କ ବାପା, ସ୍ତ୍ରୀ ମିନତି ଦାସ, ବୋହୂ ଚାରବି ଦାସଙ୍କ ସମେତ କିଶୋର ନାଇକ, ଦେବେଶ ଆଚାର୍ଯ୍ୟ, ସିଦ୍ଧାର୍ଥ ଦାସ, ବେଦାନ୍ତ କମ୍ପାନୀ ସିଇଓ ସି. ଚନ୍ଦ୍ରୁ, ପୂର୍ବତନ ସିଇଓ ସୁନୀଲ ଗୁପ୍ତା, ଜିଲା ବିଜେଡି ସଭାପତି ହରିଶ ଗଣତ୍ରା, ବିଶ୍ୱନାଥ ତ୍ରିପାଠୀ, ଦାମୋଦର ନାଥ, ବିଜେଡି ଜିଲା ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ଜିଲା ବିଜେଡି ଯୁବ ସଭାପତି ରବୀନ ପାଣ୍ଡେ, ଜିଲା ବିଜେଡି ଛାତ୍ର ସଭାପତି ଶୁଭାଶିଷ ପଟ୍ଟନାୟକ, ବାସୁଦେବ ଭଇଂସା, ଭୋଜରାଜ ପଟେଲ, ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ, ବ୍ରଜରାଜନଗର ପୌରାଧ୍ୟକ୍ଷ କୃଷ୍ଣ ଗୋପାଳ ସିତାନୀ ଯୋଗଦେଇଥିଲେ । ଏଥିସହ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଜିଲାର ବହୁ ରାଜନେତା ଏବଂ ସ୍ୱର୍ଗତ ନବ ଦାସଙ୍କ ଅନୁଗତ ଉପସ୍ଥିତ ଥିଲେ ।

ଏହି ଅବସରରେ ନିଶା ନିବାରଣ ପାଇଁ ବିଶ୍ୱରେ ସଚେତନତା ସୃଷ୍ଟି କରିଥିବା ଦୁଲଁଗାଁର ଅଭିରାମ ଶତପଥୀ, ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଝାରସୁଗୁଡ଼ା ଜିଲା ନାଚେନପୁରାର ଜୟଶ୍ରୀ ଦେହେରିଆ, ଦ୍ୱାନମୁଣ୍ଡାର ଅନୁପମା ଗର୍ଡିଆ, ଖୁସୁବୁ ଜୟପୁରିଆ, ଆଇଏଏସ୍ ପାଇଥିବା ଡ. ରୀନା ପ୍ରଧାନ, ତୀର୍ଥବାସୀ ପଟେଲଙ୍କ ବିକାଶ ହସ୍ପିଟାଲ, ସଞ୍ଜୀବନୀ ହସ୍ପିଟାଲ, ଦିବ୍ୟଦୃଷ୍ଟି ସଙ୍ଗଠନକୁ ନବ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାଇକେଲ, ସାଉଣ୍ଡ ସିଷ୍ଟମ ପ୍ରଦାନ କରାଯିବା ସହ ନବ ଦାସଙ୍କ ଚିତ୍ର ଆଙ୍କିଥିବା ୩ ଜଣ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା । ଏଥିସହ ନବ ଦାସ ଫାଉଣ୍ଡେଶନ ପକ୍ଷରୁ ପୂର୍ବରୁ ଜିଲାର ଅନେକ ସ୍ଥାନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନବ ଦାସ ଫାଉଣ୍ଡେଶନ ତରଫରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଶ୍ରାଦ୍ଧବାର୍ଷିକୀ ଅବସରରେ ସକାଳେ ସରବାହାଲଠାରୁ ଏସ୍‌ପି ଅଫିସ୍‌ଠାରେ ଥିବା ନବ ଦାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ନବ ଦାସ ଫାଉଣ୍ଡେଶନର ସଦସ୍ୟ, ଜିଲାର ବିଭିନ୍ନ ସଙ୍ଗଠନ ତଥା ଜିଲା ବାହାରୁ ଆସିଥିବା ନବ ଦାସଙ୍କ ଅନୁଗତମାନେ ଯୋଗଦେଇ ନବ ଦାସ ଅମର ରହେ ବୋଲି ନାରା ଦେଇଥିଲେ । ଏହି ଶୋଭାଯାତ୍ରାରେ ନବ ଦାସଙ୍କ ପୁଅ ବିଶାଳ ଦାସ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପଶ୍ଚିମ ଓଡ଼ିଶାର ବିଶିଷ୍ଟ ବିଜେଡି ନେତା ସଞ୍ଜିତ ମହାନ୍ତି ସାମିଲ ଥିଲେ । ଏସ୍‌ପି ଅଫିସ ନିକଟରେ ଥିବା ନବ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ପୁଣି ବାଇକ୍ ଶୋଭାଯାତ୍ରା ନବ ଦାସ ଅଡିଟୋରିୟମଠାରେ ପହଞ୍ଚିବା ପରେ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା ।


କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିଙ୍କୁ ନବ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି ।

# ଅଳିଆଗଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର


ଆମ୍ବୁଲାନ୍ସରେ ଶିଶୁ ସୁରକ୍ଷା ବିଭାଗର ସଦସ୍ୟମାନେ ଶିଶୁ କନ୍ୟାକୁ ନେଇ ଯାଉଛନ୍ତି ।

## ପ୍ରାଥମିକ ଚିକିତ୍ସା ପରେ ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର

ସଇଁତଲା, ୨୯।୧ (ରାଖାଲ ପ୍ରସାଦ ଶତପଥୀ)

ଏବେ ବି ଶିଶୁକନ୍ୟା ଅଲୋଡା । ସଇଁତଲା ଥାନା ବଡ଼ମାଲ ଫାଣ୍ଡିଅଧୀନ ଧରବଗଡ଼ ଗ୍ରାମରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହେବା ଘଟଣା ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ପ୍ରାଥମିକ ଚିକିତ୍ସା ପରେ ଶିଶୁକୁ ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଧରବଗଡ଼ ଗ୍ରାମର ଏକ ଗଳିରେ ଥିବା ଅଳିଆଗଦାରେ ଏକ ନବଜାତ ଶିଶୁ ପଡ଼ି କାନ୍ଦୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସେହି ସ୍ଥାନରେ ଲୋକଙ୍କ ଭିଡ ଜମିଥିଲା । ପରେ ଉକ୍ତ ଗ୍ରାମର ଭାଗବତ ଠାକୁର ଶିଶୁକୁ ଅଳିଆ ଗଦାରୁ ଉଦ୍ଧାର କରିଥିଲେ । ଶିଶୁ ଜୀବିତ ଥିବା ଓ ଏକ କନ୍ୟା ସନ୍ତାନ ଜଣାପଡ଼ିବା ପରେ ଭାଗବତ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ସତ୍ୟବତୀ ବେଢ଼ଙ୍କୁ ଫୋନ ଯୋଗେ ଘଟଣା ବିଷୟରେ ଜଣାଇଥିଲେ । ଅଙ୍ଗନୱାଡ଼ି କର୍ମୀ ଯଥାଶୀଘ୍ର ଆଶା ଦିଦି ନନ୍ଦିନୀ ଚିନ୍ଦାଙ୍କୁ ଡାକି ଘଟଣାସ୍ଥଳରେ ପହଞ୍ଚି ଥିଲେ । ପରେ ଉଭୟ ଶିଶୁକନ୍ୟାକୁ ଗ୍ରାମକୁ ଆଣି ସେଠାରେ ତାକୁ ପୋଛାପୋଛି କରିବା ସହ କ୍ଷୀର ପିଇବାକୁ ଦେଇଥିଲେ । ଏ ସମ୍ପର୍କରେ ସେମାନେ ସଇଁତଲା ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ଅଧିକାରୀ ଗୋଲାପୀ ନାଏକ, ବଡ଼ମାଲ ଫାଣ୍ଡି ଅଧିକାରୀ ମୁରଲୀଧର ସେଠୀଙ୍କୁ ଯୋଗାଯୋଗ କରିଥିଲେ । ଖବରପାଇ ଉଭୟେ ଧରବଗଡ଼ ଗ୍ରାମରେ ପହଞ୍ଚି ଶିଶୁକୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଶିଶୁକନ୍ୟାର ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ସେ ସୁସ୍ଥ ଥିବା ଜଣାପଡିଥିଲା । ପରେ ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ବିଭାଗର ବସନ୍ତ ହରପାଲ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ କାମ କରୁଥିବା ଏକ ବେସରକାରୀ ସଂସ୍ଥାର ସଦସ୍ୟା ରେକ୍ସନା କୁମ୍ଭାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ । ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଉପସ୍ଥିତ ଡାକ୍ତର, ପୋଲିସ ପ୍ରଶାସନର ଅଧିକାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀଙ୍କ ଉପସ୍ଥିତିରେ ଶିଶୁକନ୍ୟାକୁ ଜିଲା ଶିଶୁ ସୁରକ୍ଷା ବିଭାଗ ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା । ଶିଶୁ ସୁରକ୍ଷା ବିଭାଗର ସଦସ୍ୟମାନେ ଆମ୍ବୁଲାନ୍ସ ଯୋଗେ ଶିଶୁକନ୍ୟାକୁ ନେଇ ବଲାଙ୍ଗୀର ଯାଇଥିବା ଜଣାଯାଇଛି । ସଇଁତଲା ଥାନା ଅଧିକାରୀ ଖଗପତି ବିଶ୍ୱାଳ, ଏସ୍‌ଆଇ ଆଲୋକ ଭୋଇ ଶିଶୁ କନ୍ୟାକୁ କିଏ ଏବଂ କାହିଁକି ଅଳିଆଗଦାରେ ଫିଙ୍ଗିଦେଲା ତାକୁ ନେଇ ତଦନ୍ତ ଚଳାଇଛନ୍ତି ।

# କୃଷ୍ଣ ଜନ୍ମ, ନନ୍ଦୋତ୍ସବ ସହ କଂସଙ୍କ ଦିଗବିଜୟ

## ଖଣ୍ଡୋକଟା ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

କୁଚିଣ୍ଡା, ୨୯।୧ (ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଖଣ୍ଡୋକଟାର ୩୫ତମ ଧନୁଯାତ୍ରା ମହୋତ୍ସବରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ କଳାକାରଙ୍କ ନାଟ୍ୟ ଅଭିନୟ ଦର୍ଶକଙ୍କ ବେଶ୍ ମନଛୁଆଁ ହୋଇଥିଲା । ବୁଧବାର ସନ୍ଧ୍ୟାରେ ଦେବକୀ ବସୁଦେବଙ୍କ ବିବାହ, ଯୁବରାଜ କଂସଙ୍କ ସିଂହାସନ ଆରୋହଣ, ଶୂନ୍ୟବାଣୀ, ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ ଆଦି ଅଭିନୟ ହୋଇଥିଲା । ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଗୋପପୁରରେ କୃଷ୍ଣ ଜନ୍ମ, ନନ୍ଦୋତ୍ସବ ଆଦି କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ମଥୁରା ନଗରୀରେ କଂସଙ୍କ ଦିଗବିଜୟ ସହ ରଙ୍ଗସଭାରେ ଆଦି ଅତି ଚମତ୍କାର ଅଭିନୟ ପରିବେଷିତ ହୋଇଥିଲା । ପରେ କୁଚିଣ୍ଡା କଳା ପରିଷଦ, ଝାରସୁଗୁଡ଼ା କଳାକାରଙ୍କ ସମେତ ବିଭିନ୍ନ ଲୋକ ଗୀତ ଉପରେ ଆଧାରିତ ନୃତ୍ୟ ପରିବେଷଣ କରାଯାଇଥିଲା । ସନ୍ଧ୍ୟା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାସ ଅତିଥିଭାବେ ଯୋଗଦେଇଥିଲେ । ବରଗଡ଼ ପରେ ଖଣ୍ଡୋକଟା ହେଉଛି ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ଲୋକପ୍ରିୟ ଧନୁଯାତ୍ରା ବୋଲି ଅତିଥିମାନେ କହିଥିଲେ । ଏଥିସହ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ପୁରାଣ ବର୍ଣ୍ଣିତ କଥାବସ୍ତୁ ଏବେବି ଉଜ୍ଜୀବିତ ଅଛି । ଏହା ଲୋକଙ୍କ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ହୋଇଥିଲେ ବି ଅଞ୍ଚଳର କଳା ସଂସ୍କୃତି ଓ ଐତିହ୍ୟକୁ ଜୀବନ୍ତ ରୂପ ଦେବା ଏକ ନିଛକ ନିଦର୍ଶନ ବୋଲି ଅତିଥିମାନେ କହିଥିଲେ । ଧନୁଯାତ୍ରା ମହୋତ୍ସବରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳା, ମୀନା ବଜାର ସହ ଦୋକାନ ବଜାର ପାଇଁ ଦର୍ଶକଙ୍କ ଭିଡ ଜମୁଛି । ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ କୁଚିଣ୍ଡା ଏସଡିପିଓ ଦାସଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ଧନୁଯାତ୍ରା ମହୋତ୍ସବର ମୁଖ୍ୟ ଉପଦେଷ୍ଟା ମନ୍ତ୍ରୀ ରବିନାରାୟଣ ନାଏକ, ଉପଦେଷ୍ଟା ଡିଲେଶ୍ୱର ସାହୁ, ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷେଠ ଓ ସନ୍ତୋଷ ପଟେଲ, ସାଧାରଣ ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ମନୋଜ ପୃଷେଠ ଓ ବିକାଶ ଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକ ଏବଂ ସହ କୋଷାଧ୍ୟକ୍ଷ ବୀରେନ୍ଦ୍ର ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ରୀଡାବିତ୍ ଏବଂ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।


ମହାରାଜ କଂସଙ୍କ ସହ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟମାନେ ।

## ନାବାଳିକାଙ୍କୁ ଅସଦାଚରଣ ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ଝାରସୁଗୁଡ଼ା, ୨୯।୧ (ଆଶିଷ ରଞ୍ଜନ ଦାଶ)

ନାବାଳିକା ଅସଦାଚରଣ ମାମଲାର ବିଚାରକରି ଅତିରିକ୍ତ ଜିଲା ଓ ଦୌରାଜଜ୍ (ପୋକ୍‌ସୋ କୋର୍ଟ) ବିଚାରପତି ପୂଜା ଷଡ଼ଙ୍ଗୀ ଅଭିଯୁକ୍ତ ବବ ଓରଫ ଡିକ୍‌ସନ ସିଂଘରିଆ (୨୩)ଙ୍କୁ ଗୁରୁବାର ୨୦ ବର୍ଷ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସରକାରଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୪ ଡିସେମ୍ବର ୧୩ରେ ଝାରସୁଗୁଡ଼ା ସଦର ଥାନା ଅଞ୍ଚଳର ନାବାଳିକାଙ୍କୁ ଡିକ୍‌ସନ ଅସଦାଚରଣ କରିଥିଲେ । ଏନେଇ ନାବାଳିକାଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨୦୨୫ ଜାନୁଆରୀ ୨୪ରେ ଥାନାଧିକାରୀ ସ୍ୱପ୍ନାରାଣୀ ଗୋଲ୍ଲାୟତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ । ୧୪ ଜଣ ସାକ୍ଷୀ ଏବଂ ୩୨ଟି ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରାଜ୍ କୁମାର ଶ୍ରୀବାସ ମାମଲା ପରିଚାଳନା କରିଥିଲେ ।




# ପ୍ରଫେସର ଜୈସୱାଲଙ୍କୁ ନାଗରୀକ ସମ୍ବର୍ଦ୍ଧନା

## ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ସମ୍ବର୍ଦ୍ଧନା ସଭା

ସମ୍ବଲପୁର, ୨୯।୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ଗୁରୁବାର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୈସୱାଲଙ୍କୁ ନାଗରୀକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆଇଆଇଏମ ସମ୍ବଲପୁରକୁ ଦେଶର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଗଢି ତୋଳିବାରେ ନେତୃତ୍ୱ ନେଇଥିବା ଏହାର ନିର୍ଦ୍ଦେଶକ ପ୍ରଫେସର ଜୈସୱାଲଙ୍କ ପ୍ରସଂଶା କରାଯାଇଥିଲା । ଏକଦା ସମ୍ବଲପୁରରେ ଆଇଆଇଏମ ସ୍ଥାପନକୁ ବିରୋଧ କରୁଥିବା ଲୋକଙ୍କ ପାଇଁ ପ୍ରଫେସର ଜୈସୱାଲ ଏକ ଉତ୍ତର ବୋଲି ବକ୍ତା ମାନେ କହିଥିଲେ । ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଫେସର ଜୈସୱାଲଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହିଅବସରରେ ସମ୍ବଲପୁର ସହରର ପ୍ରମୁଖ ଅନୁଷ୍ଠାନ ଜିଲା ଓକିଲ ସଂଘ, ପ୍ରୋଗ୍ରେସିଭ ସମ୍ବଲପୁର, ଲିମସରିଏନ ଯୁବ ସଚେତନ ସଂଘ, ମା' ସମଲେଶ୍ୱରୀ ଟ୍ରଷ୍ଟ, ପ୍ରେସ କ୍ଲବ ତରଫରୁ ପ୍ରଫେସର ଜୈସୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଦୀପ ବହିଦାର, ସପନ ମିଶ୍ର, ଲିମସରେନ ଟିମ, ସଞ୍ଜୟ ବାବୁ, ପଫୁଲ ହୋତା, ତ୍ରିବିକ୍ରମ ପ୍ରଧାନ, ଡାକ୍ତର ଜୟଦେବ ମେହେର ପ୍ରମୁଖ ନିଜ ଅନୁଷ୍ଠାନ ତରଫରୁ ପ୍ରଫେସର ଜୈସୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସହର ବାହାରୁ ଅଭାସି ମାଧ୍ୟମରେ ଦିଲ୍ଲୀରୁ ପ୍ରଫେସର ଗର୍ଗ, ଭୁବନେଶ୍ୱରରୁ ପ୍ରାକ୍ତନ ଆର.ଡି.ସି ନିରଞ୍ଜନ ସାହୁ, ନାଗପୁରରୁ ପ୍ରଫେସର ରବିନ୍ଦ୍ର ଜେନା ପ୍ରମୁଖ ପ୍ରଫେସର ଜୈସୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଭାରେ ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଆଇଆଇଏମର ମୁଖ୍ୟ କର୍ଯ୍ୟନିର୍ବାହୀ ଅମୃତ ମହାନ୍ତି, ପ୍ରଫେସର ଶଙ୍କର ପତି, ରଘୁନାଥ ମିଶ୍ର ମଞ୍ଚାସୀନ ଥିଲେ । ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୃଥ୍ୱୀରାଜ ମିଶ୍ର, ବିଜୟ ସାହୁ ପରିଚାଳନାରେ ସହଯୋଗ କରିଥିଲେ ।


ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପୁସ୍ତକର ପ୍ରଭାବ ସଭ୍ୟତାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥାଏ

## ସମ୍ବଲପୁର ପୁସ୍ତକ ମେଳାର ଷଷ୍ଠ ଦିବସ

ସମ୍ବଲପୁର, ୨୯।୧ (ବି.ଶଙ୍କର)

ଏନବିଟି ଇଣ୍ଡିଆ ପକ୍ଷରୁ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ଗୁରୁବାର ଷଷ୍ଠ ଦିବସରେ ଲେଖକଙ୍କ ସହ ସାକ୍ଷାତକାର, ସାଂସ୍କୃତିକ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେତୁପ୍ରଯୋଜିତ ସମ୍ବଲପୁର ଅଇଁଠାପାଲି ପିଏଚଡି ପଡ଼ିଆ ପରିସରସ୍ଥ ମଞ୍ଚରେ ସଭାପତି ଡ. ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଲେଖକଙ୍କ ସାକ୍ଷାତକାର କାର୍ଯ୍ୟକ୍ରମ ହୋଇଥିଲା । ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଧନେଶ୍ୱର ସାହୁଙ୍କୁ ସାକ୍ଷାତ କରିଥିଲେ ପ୍ରଫେସର ଅଖିଳ ବିଶ୍ୱାଳ । ପ୍ରଫେସର ସାହୁ ମାନବିକତା, ଜିଜ୍ଞାସା ଓ ହେତୁବୋଧ ଉପରେ ବିଶଦ ଯୁକ୍ତି ବାଢ଼ିଥିଲେ । ଭାରତୀୟ ବିଚାର ଓ ଦର୍ଶନକୁ ଭିନ୍ନ ଭିନ୍ନ ବୋଲି ମତପୋଷଣ କରିଥିଲେ । ହେତୁବୋଧକୁ ମାନବିକ ଆବେଦନ ସହ ଏକ ବୋଲି ମତ ରଖିଥିଲେ । ସେ କହିଥିଲେ ଯେ, ସାହିତ୍ୟ ଏକ ସୃଜନାତ୍ମକ କ୍ରିୟା । ସାହିତ୍ୟର ଗଦ୍ୟ ଓ ପଦ୍ୟ ସାହିତ୍ୟ ଆଦି ବିଭିନ୍ନ ବର୍ଗ ରହିଛି । ଆମେ ଯେଉଁ ମାନବୀୟ ସମସ୍ୟା କିମ୍ବା ମାନବୀୟ ଦ୍ୱନ୍ଦ୍ୱ ଆଣୁଛେ, ତାହା ହେଉଛି ସୃଜନାତ୍ମକ ସାହିତ୍ୟ । କିନ୍ତୁ ଆମେ ଯେତେବେଳେ ପ୍ରବନ୍ଧକୁ ଆସୁଛେ ତାହା ହେଉଛି ବୌଦ୍ଧିକ ସୃଜନ । ପ୍ରବନ୍ଧ ଲେଖିବା ସମୟରେ ପ୍ରାବନ୍ଧିକ ବିଚାରଧାରାକୁ କିପରି ବିଶ୍ଳେଷଣ କରୁଛନ୍ତି ଏବଂ ତର୍କ କିପରି ଦେଉଛନ୍ତି ତାହା ଦେଖାଯାଏ । ପ୍ରବନ୍ଧ ଯୁକ୍ତି ସଙ୍ଗତ ଏଥିରେ ଅନୁଶୀଳନ, ସମାଲୋଚନାତ୍ମକ ଚିନ୍ତା, ବିଶ୍ଳେଷଣ, ଗୁଢ଼ତତ୍ତ୍ୱ ଥାଏ । କିନ୍ତୁ ଆବେଗ ନ ଥାଏ ଗୋଟିଏ ପୁସ୍ତକର ପ୍ରଭାବ ସଭ୍ୟତାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥାଏ । ଡିସେଣ୍ଟ ଅଫ ମ୍ୟାନ, ଅରିଜିନ୍ ଅଫ୍ ସ୍ପେଶିସ, ଦାସ କ୍ୟାପିଟାଲ, ଅଙ୍କଲ ଟମ୍ସ କେବିନ୍, ସାଇଲେଣ୍ଟ ସ୍ପ୍ରିଙ୍ଗ୍ ପ୍ରଭୃତି ପୁସ୍ତକ ସହ ଓଡ଼ିଆ ସାହିତ୍ୟର ରେବତୀ ଓ ଛମାଣ ଆଠଗୁଣ୍ଠ ବିଷୟରେ ପ୍ରଫେସର ସାହୁ ମତବ୍ୟକ୍ତ କରିଥିଲେ । ଶେଷରେ ସେ ସମାଜ ପରିବର୍ତ୍ତନ କ୍ଷେତ୍ରରେ ସାହିତ୍ୟର ବହୁ ପ୍ରଭାବ ରହିଛି ବୋଲି କହିଥିଲେ । ସୁବର୍ଣ୍ଣପୁର ଜିଲାର ଜିଲାପାଳ ଡ. ନୃପରାଜ ସାହୁ ସାରସ୍ୱତ ଅଧିବେଶନରେ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ସେତୁ ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗୁରୁବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ପ୍ରସିଦ୍ଧ ଗାୟକ ଶାଶ୍ୱତ ତ୍ରିପାଠୀ ଓ ତାଙ୍କ ଦଳ ସମ୍ବଲପୁରୀ ଓ ଅନ୍ୟାନ୍ୟ ଗୀତକୁ ପରିବେଷଣ କରି ଶ୍ରୋତାଙ୍କ ମନୋରଞ୍ଜନ କରିଥିଲେ । ସମ୍ବଲପୁର ପୁସ୍ତକମେଳାରେ ନ୍ୟାସନାଲ ବୁକ ଟ୍ରଷ୍ଟ, ଇଣ୍ଡିଆ (ଏନବିଟି)ର ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ର (ଏନସିସିଏଲ) ପକ୍ଷରୁ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଶିଶୁ ମଣ୍ଡପରେ ଫିଲ ଦ ଏଣ୍ଟାୟାର ୱାର୍ଲଡ ୱିଥ କଲର, ରିଡ୍ ବିଅଣ୍ଡ ଦ ଷ୍ଟାର୍ସ, ଗୋଣ୍ଡ ଚିତ୍ରକଳା, ରାଷ୍ଟ୍ରୀୟ ଇ- ପୁସ୍ତକାଳୟ, ରଙ୍ଗ ଦୋ ଦୁନିଆ ସାରି ପ୍ରଭୃତି ୬ଟି କର୍ଣ୍ଣର ରହିଥିଲା । ଏଥିସହ ଖୋଲା ମଞ୍ଚ ପିଲାମାନଙ୍କ ପାଇଁ ଏକ ପ୍ଲାଟଫର୍ମ ସାଜିଛି । ଏଠାରେ କାହାଣୀ କଥନ ଅଧିବେଶନ, ସଙ୍ଗୀତ, କୁଇଜ, ଚିତ୍ରାଙ୍କନ ଏବଂ ସ୍ଲୋଗାନ ଲେଖା ପ୍ରତିଯୋଗିତା, ପୋଷ୍ଟର ଡିଜାଇନ କର୍ମଶାଳା ସହ ଯୋଗ, ବିଜ୍ଞାନ ସହିତ ମଜା, ପଟ୍ଟଚିତ୍ର କଳା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଅଭିଜ୍ଞ ବ୍ୟକ୍ତି ବିଶେଷଙ୍କ ସହ ଏନସିସିଏଲ ପ୍ରଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କଥା ପ୍ରଶିକ୍ଷଣ ଦେଉଛନ୍ତି । ଏହିକ୍ରମରେ ପୁସ୍ତକମେଳାର ଷଷ୍ଠ ଦିବସରେ ପ୍ରଥମ କାର୍ଯ୍ୟକ୍ରମ ଥିଲା ପ୍ରାଚୀତାରା ମିଶ୍ରଙ୍କ କାହାଣୀ କଥନ । ତାଙ୍କ କାହାଣୀ ବଖାଣିବା ଶୈଳୀ ଅନନ୍ୟ ଥିଲା । ଯାହାକି ପିଲାମାନେ ଉପଭୋଗ କରିବା ସହ କାହାଣୀର ଜଣେ ଜଣେ ପାତ୍ର ପାଲଟି ଯାଇଥିଲେ । ଏହାପରେ ଗୌରହରି ବିଶ୍ୱାଳ ଥିଏଟର ୱାର୍କସପ୍ କରିଥିଲେ । ଏଥିରେ ଅଭିନୟର ଶୈଳୀ ଓ ନିଖୁଣତା ବିଷୟରେ ସେ ବର୍ଣ୍ଣନା କରିବା ସହ ଇମପ୍ରମଟୋ ଅଭିନୟ ଶିଖାଇଥିଲେ । ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପକ୍ଷରୁ ଶେଷ କାର୍ଯ୍ୟକ୍ରମ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଗୁରୁବାର ୧୫ଟି ବିଦ୍ୟାଳୟର ପ୍ରାୟ ୧୨ ଶହ ଛାତ୍ରୀଛାତ୍ର ବିଭିନ୍ନ ଶିଶୁ ଭିତ୍ତିକ କାର୍ଯ୍ୟକଳାପରେ ଯୋଗ ଦେଇଥିଲେ ।



ଏନବିଟି ଇଣ୍ଡିଆ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାରେ ମଞ୍ଚାସୀନ ଅତିଥି ଓ ଆଲୋଚକ ।

